ସକାଳ THE SAKALA



### ପ୍ରବଳ ଗ୍ରୀଷ୍ମ ପ୍ରବାହରେ ହୁତ୍ ହୁତ୍ ହୋଇ ଜଳୁଛି ଜଙ୍ଗଲ

# ଶୁଖିଗଲାଣି ସାତକୋଶିଆ ଅଭୟାରଣ୍ୟର ନାଳ ଓ ଝରଣା

**ଅନୁଗୋଳ, ୧୯ ।୪(ସମିସ)**

ଅନୁଗୋଳରେ କ୍ରମଶଃ ବଢ଼ିଚାଲିଛି ତାପମାତ୍ରା। ଆଜି ଏଠାରେ ତାପମାତ୍ରା ବୃଦ୍ଧିପାଇ ୪୩.୭ ଡିଗ୍ରୀରେ ପହଞ୍ଚିଛି। ଦୀର୍ଘ ଦିନ ହେଲା ଟୋପାଏ ବର୍ଷା ନାହିଁ। ତେଣୁ ଏହାର ପ୍ରଭାବ କେବଳ ମଣିଷ କାହିଁକି

**● ପାଣି ପାଇଁ ଜୀବଜନ୍ତୁ ଡହକବିକଳ**

ବନ୍ୟଜନ୍ତୁଙ୍କ ଉପରେ ପଡୁଛି। ଅନୁଗୋଳ ଜିଲ୍ଲାର ସାତକୋଶିଆ ଅଭୟାରଣ୍ୟରେ ଥିବା ପ୍ରାକୃତିକ ନାଳ, ଜଙ୍ଗଲୀ ଝରଣା ଓ ଜଳାଶୟ ଏବେଠାରୁ ଶୁଖିଗଲାଣି। ତେଣୁ ପାଣି ପାଇଁ ବନ୍ୟଜନ୍ତୁ ଡହକବିକଳ ହେଉଛନ୍ତି। ଏପରିକି ପାଣି ପାଇଁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି।



ଗତ ଦୁଇମାସ ହେଲା (ମାର୍ଚ୍ଚ ଓ ଅପ୍ରେଲ )ଅନୁଗୋଳ ଜିଲ୍ଲାରେ ଆଶାତିତ ଭାବେ ତାପମାତ୍ରା ବଢ଼ିବା ସହ ଅସମ୍ଭାଳ ତତଲା ପବନ ବହୁଛି। ତା ସାଙ୍ଗକୁ ପାଣି ବର୍ଷା ବଦଳରେ ହେଉଛି ଆକାଶରୁ ଅଗ୍ନି ବର୍ଷା। ତତଲା କଡ଼େଇରେ ସିଝୁଛି ସାରା ଅନୁଗୋଳ। ତାପମାତ୍ରା ୪୪ଡିଗ୍ରୀ ପାର ହେଲାଣି। ଅସ୍ତବ୍ୟସ୍ତ ହୋଇ ଗଲାଣି ସାଧାରଣ ଜୀବନ। ଏଭଳି ପରିସ୍ଥିତିରେ କେବଳ ମଣିଷ କାହିଁକି ସମସ୍ତ ଜୀବଜନ୍ତୁ ମଧ୍ୟ ଛଟପଟ ହେଉଛନ୍ତି। ପ୍ରଚଣ୍ଡ ଖରାରେ ଗଛପତ୍ର ସବୁ ଶୁଖି ଯାଉଥିବା ବେଳେ ଘଞ୍ଚ ଜଙ୍ଗଲରେ ଛାଇ ଟିକେ ଖୋଜିବାକୁ ପଡୁଛି। ଏଭଳି ସ୍ଥିତିରେ ବନ୍ୟଜନ୍ତୁଙ୍କ ଅବସ୍ଥା ସାଙ୍ଘାତିକ ହୋଇ ପଡ଼ିଛି। ତୃଣଭୋଜି ପ୍ରାଣୀମାନଙ୍କ ପାଇଁ ଜଙ୍ଗଲରେ ଖାଦ୍ୟ ସମସ୍ୟା ସହ ଜଳାଭାବ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟିକରିଛି। ଖରା କ୍ରମଶଃ ବଢୁଥିବାରୁ ଏବେଠାରୁ ଜଙ୍ଗଲର ବହୁ ଜାଗାରେ ନିଆଁ ଲାଗିଲାଣି। ଏହାର ପ୍ରଭାବରେ ତାପମାତ୍ରା ଆହୁରି ବଢ଼ିଯାଇଛି। ପ୍ରବଳ ଉତ୍ତାପରୁ ରକ୍ଷା ପାଇବାକୁ ବନ୍ୟଜନ୍ତୁ ଇତସ୍ତତଃ ହୋଇ ପଡ଼ିଛନ୍ତି। ଗତ ବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ କିଛି କିଛି ବର୍ଷା ହୋଇଥିଲା। ତେଣୁ ଜଙ୍ଗଲ ଭିତରେ ଏତେଟା ଜଳସଙ୍କଟ ଦେଖାଦେଇ ନଥିଲା। ହେଲେ ଚଳିତବର୍ଷ ଆକାଶରୁ ଟୋପାଏ ପାଣି ପଡ଼ିନି। ଆଗକୁ କ'ଣ ହେବ, ତାହା କହିବା ମୁସ୍କିଲ। ଅନୁଗୋଳରେ ପ୍ରତିବର୍ଷ ହାରାହାରି ତାପମାତ୍ରା ବଢ଼ିଚାଲିଛି। ତେଣୁ ଜଳାଭାବ ଉତ୍କଟ ହେବାରେ ଲାଗିଛି। ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିବା ଦ୍ୱାରା ବ୍ୟାପକ ମୃତ୍ତିକା କ୍ଷୟ ହେଉଛି। ତେଣୁ ପ୍ରାକୃତିକ ନାଳଗୁଡିକ ମାଟିରେ ପୋତି ହୋଇଯାଉଛି। ଗତ ଫେବୃଆରୀ ମାସରୁ ହିଁ ପାଣି ଶୁଖି ଯାଉଛି। ବନ ବିଭାଗ ତରଫରୁ ଜଙ୍ଗଲ ଭିତରେ ବହୁ ସଂଖ୍ୟାରେ ଛୋଟ ଛୋଟ ଜଳାଶୟ ଖୋଳିବାର ଆବଶ୍ୟକତା ରହିଛି। ଏହାଛଡ଼ା ଚଳିତ ବର୍ଷ ଯେଉଁଭଳି ଭାବେ ଜଙ୍ଗଲ ସମ୍ପୂର୍ଣ୍ଣ ଶୁଷ୍କ ହୋଇଯାଇଛି, ଅସ୍ଥାୟୀ କୁଣ୍ଡ କରି ସେଥିରେ ପାଣି ଭର୍ତ୍ତି ନକଲେ ବହୁ ଜୀବଜନ୍ତୁ ପାଣି ବିନା ମୃତ୍ୟୁବରଣ କରିବେ ବୋଲି ପରିବେଶବିତମାନେ ମତବ୍ୟକ୍ତ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ମଣିଷ ନିଜ ବୁଦ୍ଧି ବଳରେ ମୁକାବିଲା କରିପାରୁଛି। ପାଣି ବିନା ହରିଣ, କୁଟୁରା ଓ ହାତୀ ଭଳି ଜୀବମାନେ ରାସ୍ତା ଉପରକୁ ପଳାଇ ଆସୁଥିବା ଦେଖିବାକୁ ମିଳିଛି। ଜଙ୍ଗଲ ଭିତରେ ବନ୍ୟଜନ୍ତୁ ପାଣି ବିନା ମରିପଡ଼ିଥିବା ଦେଖାଯାଇଛି। ଜଙ୍ଗଲରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ବନ୍ୟଜନ୍ତୁ କିଭଳି ବଞ୍ଚିବେ ତାହା ଚିନ୍ତାର କାରଣ ପାଲଟିଛି। ଏବେ କେବଳ ବର୍ଷା ହିଁ ଏହି ସମସ୍ୟାର ସମାଧାନ କରିପାରିବ ବୋଲି ବନ୍ୟପ୍ରାଣୀ ତତ୍ତ୍ୱାବଧାରକମାନେ ପ୍ରକାଶ କରିଛନ୍ତି।












## ଘଣ୍ଟପଡ଼ା ଜଙ୍ଗଲରେ ନିଆଁ

**ତାଳଚେର, ୧୯ ।୪(ସମିସ):** ତାଳଚେର ପବିତ୍ର ମୋହନ ମେଡିକାଲ ନିକଟ ଘଣ୍ଟପଡ଼ା ଜଙ୍ଗଲରେ ଗତକାଲି ସନ୍ଧ୍ୟାରୁ କୌଣସି କାରଣରୁ ନିଆଁ ଲାଗି ଚାରିଆଡ଼େ



ବ୍ୟାପି ଯାଇଥିଲା। ତାଳଚେର ଅଞ୍ଚଳରେ ତାପମାତ୍ରା ଅଧିକ ରହୁଥିବା ବେଳେ ଏଭଳି ସ୍ଥାନୀୟ ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏକ ଉଦବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ଜଙ୍ଗଲରେ ନିଆଁ ଲାଗିବା ପରେ ସେଠାରେ ବୃକ୍ଷଲତା ସବୁ ପୋଡ଼ିଯିବା ସହ ଛୋଟ ବଡ଼ ଜୀବଜନ୍ତୁ, ସରୀସୃପଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ସ୍ଥାନୀୟ ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ ତୁରନ୍ତ ଦମକଳ ବାହିନୀକୁ ଫୋନ୍ ଯୋଗେ ଜଣାଇଥିଲେ। ଦମକଳ ବାହିନୀର କର୍ମଚାରୀ ସେଠାରେ ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ପ୍ରକାଶଥାଉ କି, ଉକ୍ତ ଜଙ୍ଗଲକୁ ଲାଗି ତାଳଚେର ପବିତ୍ର ମୋହନ ମେଡିକାଲ କଲେଜର ବିଲ୍ଡିଂ ନିର୍ମାଣ କରାଯାଇଥିବା ବେଳେ ୫ ଗୋଟି କଲୋନୀ ମଧ୍ୟ ରହିଛି। ସ୍ଥାନୀୟ ବାସିନ୍ଦା ସବୁବେଳେ ପ୍ରଦୂଷଣ ଜନିତ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ନିକଟ ଜଙ୍ଗଲରେ ଏଭଳି ବହୁ ସମୟ ଧରି ନିଆଁ ଲାଗିବା ଯୋଗୁଁ ଧୂଆଁ, ପାଉଁଶ ଉଡ଼ି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଜଙ୍ଗଲକୁ ନିଆଁ କବଳରୁ ସବୁବେଳେ ସୁରକ୍ଷିତ ରଖିବା ଲାଗି ବନବିଭାଗ ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳଙ୍କ ସମେତ ଘଣ୍ଟପଡ଼ାବାସୀ ମତବ୍ୟକ୍ତ କରିଛନ୍ତି।

## ବିଜେପିର ବରିଷ୍ଠ ନେତା ଭାଗିରଥି ପ୍ରଧାନ ବିଜେଡିରେ ସାମିଲ



**ଆଠମଲ୍ଲିକ, ୧୯ ।୪(ସମିସ):** ବିଜେପିର ପୂର୍ବତନ ଅନୁଗୋଳ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ଭାଗିରଥି ପ୍ରଧାନ ଶୁକ୍ରବାର ଶଙ୍ଖ ଭବନରେ ଶଙ୍ଖ ଫୁଙ୍କି ଥିବା ଜଣାପଡ଼ିଛି। ସୂଚନାଥାଉ କି, ପୂର୍ବରୁ ସେ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଶ୍ରୀ ପ୍ରଧାନ ପୂର୍ବରୁ ୩ ଥର ବିଧାୟକ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ। ଆସନ୍ତା ନିର୍ବାଚନରେ ଦଳ ତାଙ୍କୁ ଟିକଟ ଦେଇ ନଥିବାରୁ ସେ ଅସନ୍ତୁଷ୍ଟ ଥିଲେ। ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଶଙ୍ଖ ଭବନରେ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ତାଙ୍କ ନିର୍ବାଚନ ମଣ୍ଡଳୀର ୧୨୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଶ୍ରୀ ପ୍ରଧାନ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡିର ରାଜ୍ୟସଭା ସାଂସଦ ତଥା ବରିଷ୍ଠ ନେତା ସସ୍ମିତ୍ ପାତ୍ର, ଆଠମଲ୍ଲିକର ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ଆଠମଲ୍ଲିକ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଯୁବ ଛାତ୍ର ସଂଗଠକ ଚିନ୍ମୟ ସାହୁ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ପକାଇ ବିଜେଡିରେ ସାମିଲ କରିଥିଲେ। ଭାଗିରଥି ବାବୁ ବିଜେପିର ଜଣେ ବରିଷ୍ଠ ନେତା ହୋଇଥିବାରୁ ଅନୁଗୋଳ ଜିଲ୍ଲାରେ ତାଙ୍କର ଦୃଢ଼ ସଂଗଠନ ରହିଛି। ସେ ଆସିବା ପରେ ବିଜେଡିର ସ୍ଥିତି ଅନୁଗୋଳ ଜିଲ୍ଲାରେ ବୃଦ୍ଧି ପାଇବ। ସେ ଦଳରେ ସାମିଲ୍ ହେବା ପରେ ସମର୍ଥକଙ୍କ ସହ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ବିଦାୟ ନେଲେ ମା' ବାସନ୍ତୀ ଦୁର୍ଗା

**ଅନୁଗୋଳ, ୧୯ ।୪(ସମିସ):** ଅମଲାପଡ଼ା ବାସନ୍ତୀ ଦୁର୍ଗା ପଡ଼ିଆରେ ପାଞ୍ଚଦିନ ବ୍ୟାପୀ ଆୟୋଜିତ ବାସନ୍ତୀ ଦୁର୍ଗାପୂଜା ଶେଷ ହୋଇଛି। ଗତକାଲି ଦଶମୀ ପୂଜା, ଚରୁ ବିତରଣ, ପୂର୍ଣ୍ଣାହୁତି ପରେ ଆଜି ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଘଣ୍ଟା, ଘଣ୍ଟ, ଶଙ୍ଖ, ଶିଙ୍ଗବାଦ୍ୟ, ବୁଢ଼ାବୁଢ଼ୀ ନାଚ ଓ ବିଭିନ୍ନ ଲୋକ ନୃତ୍ୟର ତାଳେ ତାଳେ ମା' ବାସନ୍ତୀ ଦୁର୍ଗାଙ୍କ ଶୋଭାଯାତ୍ରା ନିର୍ଦ୍ଦିଷ୍ଟ ମାର୍ଗ ଦେଇ ସହର ପରିକ୍ରମା କରିବା ପରେ ଅମଲାପଡ଼ା କେନାଲରେ ବିସର୍ଜନ କରାଯାଇଥିଲା। ମା' ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପସଭାପତି ଯତୀନ ସେଠୀ, ସମ୍ପାଦକ ଅନୁପ କୁମାର୍ ମହାନ୍ତି, ସହସମ୍ପାଦକ ଗୋପାଳ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ରଶ୍ମି ରଂଜନ ପ୍ରଧାନ ଓ ତାପସ ରଞ୍ଜନ ରାୟଙ୍କ ସମେତ ଉପଦେଷ୍ଟା ଆଡଭୋକେଟ୍ ପ୍ରଦୀପ ଦେବତା ପ୍ରମୁଖ ଭଷାଣୀ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।



### ଲୋପ ପାଉଛି ସବୁଜ ବନାଞ୍ଚଳ

# ଗାଁ ବ୍ୟବସାୟୀ ହରାଉଛନ୍ତି ନିଜର କୌଳିକ ବୃତ୍ତି

**ତାଳଚେର, ୧୯ ।୪(ସମିସ)**





କେଉଁ ଆବାହମାନ କାଳରୁ ତାଳଚେର ବ୍ଲକର ଆଖାପାଖ ଗ୍ରାମର କୁଶକୁଶ ଜଙ୍ଗଲ ରାସ୍ତା ଡ଼ଗରବାଟରେ ଲୋକେ ବାଟ ଚାଲୁଥିଲେ ଏବଂ ତାଳଚେର ସେହି ସମୟରେ ସୌନ୍ଦର୍ଯ୍ୟମୟ ସବୁଜ ବନାନୀରେ ବେଶ ପରିଚିତ ଥିଲା। ବିଭିନ୍ନ କିସମର ବୃକ୍ଷଲତାରେ ତାଳଚେର ଭରାଥିବା ବେଳେ ପଶୁପକ୍ଷୀମାନେ ଏହି ସବୁଜ ବନାନୀରେ ବସବାସ କରୁଥିଲେ। ଏହି ଜଙ୍ଗଲରେ ଔଷଧୀୟ ବୃକ୍ଷ, ଫଳମୂଳ ଏବଂ ଜାଳେଣି ପାଇଁ ଆଖପାଖ ବାସିନ୍ଦାମାନେ କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ହାଟ ବଜାରରେ ବିକି ବେଶ ଆନନ୍ଦମୟ ଜୀବନ ଅତିବାହିତ କରୁଥିଲେ। ବିଶେଷ କରି ସେତେବେଳେ ବରଡ଼ା ତିଆରି ଝାମ୍ପି, ଖଜୁରୀପାଲୁରେ ଝାଡ଼ୁ, ବାଉଁଶ ଗଛରେ ତିଆରି ଘରର ବିଭିନ୍ନ ଉପକରଣ ସହିତ କେନ୍ଦୁ, ମହୁଲ, ଟୁଲ, କୋଳି, କୁଶୁମ, ଜାମ୍ବୁ, ବଇଁରକୋଳି, କରମଙ୍ଗା, ଖିରକୋଳି, ଆତ, ନରକୋଳି, ଆମ୍ବ, ଚାଆଁର, ଲିଚୁ, ଶାଳପତ୍ର ତିଆରି ଖଲି, ଚଉପତି, ଘରର ଜାଳେଣି ପାଇଁ ଛୋଟଛୋଟ କାଠ ବିଡ଼ା ସହିତ ବିଭିନ୍ନ ଚେରମୂଳି ଔଷଧ ଗାଁ ବ୍ୟବସାୟୀମାନେ ଜଙ୍ଗଲରୁ ସଂଗ୍ରହ କରି ସହର ଓ ବଜାରରେ ବିକି ଗୁଜୁରାଣ ମେଣ୍ଟାଇବା ସହିତ ସେହି ସମୟରେ ପ୍ରତିଦିନ ନିଜର କୌଳିକ ବୃତ୍ତି ଜାରି ରଖିଥିଲେ। ଜଙ୍ଗଲ ଲୋପ ପାଇବାରୁ ଏମାନେ ନିଜର ବୃତ୍ତିକୁ ହରାଇ କିଛି ପୁରୁଣା ଭାଷା - କୁଡ଼ି, ଗଣ୍ଡା, ହୁଡ଼ା, ଡଗରବାଟ, କୁଶ, ମାଇଲ ଏଭଳି ଅନେକ ପ୍ରଥାର ମଧ୍ୟ ବିଲୋପ ଘଟିଛି। ଏ ଅମଳର ଲୋକମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପ୍ରାୟ ଖରାପ ହେଉ ନଥିଲା। କାରଣ ପରିବେଶ ସନ୍ତୁଳନ ସହ ସୁରକ୍ଷିତ ଜଳବାୟୁର ପରିବର୍ତ୍ତନ ମଧ୍ୟ ସମୟ ଅନୁସାରେ ଗତି କରୁଥିଲା। ଲୋକଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଲେ ସେମାନେ ତୁରନ୍ତ ଜଙ୍ଗଲର ଚେରମୂଳ ଓ ଔଷଧୀୟ ବୃକ୍ଷ ଦ୍ୱାରା ରୋଗ ଦୂରକରି ଉପଶମ ପାଇପାରୁଥିଲେ। ତେବେ ପୁରୁଣା ଲୋକଙ୍କ କହିବା ଅନୁଯାୟୀ ଆଗକାଳର ଯେଉଁ ଲୋକମାନେ ସଠିକ ଖାଦ୍ୟ ଓ ସ୍ୱଚ୍ଛ ବାତାବରଣରେ ବସବାସ କରୁଥିଲେ, ସେମାନଙ୍କ ଆୟୁ ଆଜିର ମଣିଷର ଆୟୁଠାରୁ ଢ଼େର ଅଧିକ ଥିଲା। ଆଜି ଯୁଗ ବଦଳିଛି, ଭାରତବର୍ଷର ଢେର ଅଗ୍ରଗତି ହୋଇଛି। କିନ୍ତୁ ଜଙ୍ଗଲ ନାହିଁ, ସଠିକ୍ ସମୟରେ ବର୍ଷା ନାହିଁ, ଚାଷବାଡ଼ି କାର୍ଯ୍ୟ ବ୍ୟାହାତ, ଯେଉଁଆଡ଼େ ଚାହିଁଲେ ସିଆଡ଼େ କୋଠାବାଡ଼ି, ଘରଦ୍ୱାରା, ଖଣିଖାଦାନ, କଳକାରଖାନା, ପକ୍କାରାସ୍ତା, ମାତ୍ରାଧିକ ଯାନବାହାନ, ପ୍ରଦୂଷଣ, ବିପରୀତ ଜଳବାୟୁ ପରିବର୍ତ୍ତନ, ଧୂଆଁ ଧୂଳିରେ ଆଜିର ପିଢ଼ି ଜର୍ଜରୀତ। ସହର ଠାରୁ ଗାଁ ଗଣ୍ଡା ପର୍ଯ୍ୟନ୍ତ ପାଣି ନାହିଁ ଯାହା ଫଳରେ ପଶୁପକ୍ଷୀମାନେ ବିଷାକ୍ତ ପାଣି ପିଇ ମରୁଛନ୍ତି। ଏହି ସମସ୍ୟା ଯୋଗୁଁ ବିଭିନ୍ନ ପଶୁପକ୍ଷୀ ମାନଙ୍କର ଅସ୍ତିତ୍ୱ ମଧ୍ୟ ବିପଦମୁଖୀ। ସହରୀକରଣ, ଶିଳ୍ପାୟନ ଓ ଖଣି ଖାଦାନ ପାଇଁ ବୃକ୍ଷରୋପଣ କ୍ରମାଗତଭାବେ ହ୍ରାସ ପାଇଛି। ଜଙ୍ଗଲ ନଷ୍ଟ ହେବା ଫଳରେ ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଘୋର ଜଳସଙ୍କଟ ଦେଖାଯାଉଛି। ଜଙ୍ଗଲ ନଷ୍ଟ ହେବା ଫଳରେ ବାଘ, ସିଂହ, ହାତୀ, ମୟୂର, ହରିଣ, ମିର୍ଗ, କୁଟୁରା, ଶମ୍ବର, ଠେକୁଆ, ଶିଆଳ ଇତ୍ୟାଦି ବନ୍ୟଜନ୍ତୁଙ୍କ ବଂଶ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ପଶୁପକ୍ଷୀ ଶିକାର କରାଯାଇ ବେଆଇନ ଭାବେ କାରବାର ହେଉଛି। ଏପରି ଅନେକ ସମସ୍ୟାକୁ ନେଇ ଆଜି ପଶୁପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯଦି ବୃକ୍ଷରୋପଣ କରାଯାଇ ଜଙ୍ଗଲ ସୃଷ୍ଟି କରାଯାଇ ପାରନ୍ତା ତେବେ ଜଳବାୟୁ ସୁରକ୍ଷିତ ରହିବା ସହ ପଶୁପକ୍ଷୀମାନେ ମଧ୍ୟ ସୁରକ୍ଷିତ ରହିପାରନ୍ତେ। ଗାଁର ବ୍ୟବସାୟୀମାନେ ନିଜର କୌଳିକ ବୃତ୍ତିକୁ ଆଦର କରନ୍ତେ ବୋଲି ପରିବେଶବିତମାନେ ମତପ୍ରକାଶ କରିଛନ୍ତି।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ ରବୀନ୍ଦ୍ର ନାଥ ଦାସ
(ପ୍ରାକ୍ତନ ଓଡ଼ିଶା ବରିଷ୍ଠ ସେବା ପ୍ରଶାସନିକ ଅଧିକାରୀ, ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଂପାଦକ)
ଆର୍ବିଭାବ- ୧୭.୦୫.୧୯୪୨
ତିରୋଧାନ: ୨୦.୦୪.୨୦୨୨
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲାଣି। ଏମିତି ଗୋଟିଏ ଦିନ ନାହିଁ, ଯେଉଁ ଶୂନ୍ୟସ୍ଥାନ କରିଯାଇଛ, ତାହା ଅପୂରଣୀୟ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏହା ନୃସିଂହ ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ହତଭାଗିନୀ ପତ୍ନୀ- ଡଲି, ପୁଅ- ପୁପୁନ୍, କନ୍ୟା-ପିଙ୍କୁ, ଜ୍ୱାଇଁ-ବୁଲୁ, ନାତି/ନାତୁଣୀ- ନୁନୁନ, ନୁପୁର ଓ ବନ୍ଧୁ ପରିଜନ

# ସିଦ୍ଧ ବଳରାମଜୀଉ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ, ୧୯ ।୪(ସମିସ) : ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମଜୀଉ ମନ୍ଦିର ଆଜି କାମଦା ଏକାଦଶୀ ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ଫୁଲହାର, ତୁଳସୀ ହାର ଲାଗି କରାଯାଇଥିଲା । ବଲ୍ଲଭ ଭୋଗ ୧୦ଟା ବେଳେ ଖେଚେଡ଼ି ଭୋଗ ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତ୍ର ଧୂପ ପରେ ଏକାଦଶୀ ବେଢ଼ା ପରିକ୍ରମା ପରେ ମହାଦୀପ ଉଠିଲା ପରେ ପହଡ଼ ପଡ଼ିଛି । ପୂଜକ ମନସୁମନ୍ ମିଶ୍ର, ପୂଜକ ଶ୍ରୀବସ୍ତ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ପାଳିଆ ସେବକ ବ୍ରଜ ମୋହନ ମହାପାତ୍ର, ସୁଆର ନୀଳମଣି ଆଚାର୍ଯ୍ୟ, କାହାଳିଆ ଟିକନ୍ ବେହେରା ଓ ଜୀମାଦାର ଶ୍ୟାମସୁନ୍ଦର ପାଣଗ୍ରାହୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା ।

# ଦୁର୍ଘଟଣାରେ ୧ ଗୁରୁତର



**କାମାକ୍ଷାନଗର, ୧୯ ।୪(ସମିସ):** କାମାକ୍ଷାନଗର ଥାନା ଅନ୍ତର୍ଗତ କଇରାଟାଙ୍ଗର ନିକଟରେ ଶୁକ୍ରବାର ୪ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଗୁରୁତର ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । କଙ୍କଡାହାଡ଼ରୁ ନିଜ ଘର ଜୟପୁର ଗାଁକୁ ଶୁକ୍ରବାର ଫେରୁଥିଲେ କବିରାଜ ପରିଡ଼ା (୪୮) । ତାଙ୍କୁ କଇରାଟାଙ୍ଗର ଗାଁ ନିକଟରେ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ପଳାଇଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି ।

# ଜିଲ୍ଲାପାଳଙ୍କ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



**କାମାକ୍ଷାନଗର, ୧୯ ।୪(ସମିସ) :** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାପାଳ ଅମ୍ରିତି ରୁତରାଜ ପରିଦର୍ଶନ କରିବା ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସୂଚନା ଅନୁସାରେ ଆଜି ଜିଲ୍ଲାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ତଦାରଖ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ, ଡାକ୍ତର ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନି ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କାମାକ୍ଷାନଗରରେ ବିଜେଡିର ମାରାଥନ ପ୍ରଚାର

# ସାମିଲ ହେଲେ ଅବିନାଶ ସାମଲ ଓ ପ୍ରଫୁଲ୍ଲ ମଲ୍ଲିକ

**କାମାକ୍ଷାନଗର, ୧୯ ।୪(ସମିସ)**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଓ ସାଂସଦ ପ୍ରାର୍ଥୀ ଅବିନାଶ ସାମଲଙ୍କ ମାରାଥନ କର୍ମୀ ସମ୍ମିଳନୀ ଓ ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି । ଗୋଟିଏ ଦିନରେ କାମାକ୍ଷାନଗର ଏନଏସି ସ୍ଥିତ ସାରଙ୍ଗଧର ଷ୍ଟାଡିୟମ, ଭଏରପୁର ଓ ତେନ୍ତୁଳିସିଙ୍ଗା ଠାରେ ଥିବା ରାମେଶ୍ୱର ମନ୍ଦିର ନିକଟ ପୁରପଣ୍ଡା ତୋଟାରେ କର୍ମୀ ସମ୍ମିଳନୀ ଓ ସଭାର ଆୟୋଜନ କରି ନିର୍ବାଚନ ମାହୋଲକୁ ସରଗରମ କରିଛି ବିଜେଡି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ, ଜନକଲ୍ୟାଣ କାର୍ଯ୍ୟ ଓ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ କାର୍ଯ୍ୟକୁ ନେଇ ବିଜେଡି ଲୋକଙ୍କ ପାଖରେ ପହଞ୍ଚୁଛି । ଯାହା ଫଳରେ ସମସ୍ତ ତିନୋଟି ସଭାସ୍ଥଳରେ ହୋଇଥିବା କର୍ମୀ ସମ୍ମିଳନୀରେ ୧୦ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ଲୋକ ଯୋଗ ଦେଇଥିଲେ । ଆଗାମୀ ନିର୍ବାଚନରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ପ୍ରଫୁଲ୍ଲ ମଲ୍ଲିକ ଓ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦିଆଯାଇଥିଲା । ବିଜେଡି ପ୍ରାର୍ଥୀ କିପରି ବିପୁଳ




ଭୋଟ ବ୍ୟବଧାନରେ ବିଜୟୀ ହେବେ, ସେଥିପାଇଁ ଏକଜୁଟ ହୋଇ ସମସ୍ତେ କାମ କରିବା ପାଇଁ ଆହ୍ୱାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଜେଡି ବ୍ଲକ ସଭାପତି ପ୍ରଭାସ ମିଶ୍ର, ନଗର ସଭାପତି ଆଦିତ୍ୟ ଆଚାର୍ଯ୍ୟଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ, ଛାମୁଆ ନେତା ଯୋଗ ଦେଇଥିଲେ । ଏହି ମାରାଥନ ନିର୍ବାଚନ ସଭା ଆୟୋଜନ କରି ବିଜେଡିର ଗଡ଼ କୁହାଯାଉଥିବା କାମାକ୍ଷାନଗରରେ ଦଳ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ନିର୍ବାଚନ ମାହୋଲକୁ ସରଗରମ କରିଦେଇଛି ।

# ବିଜେଡିରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ




**ଗଁଦିଆ, ୧୯ ।୪(ସମିସ) :** ଗଁଦିଆ ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଶ୍ରଣ ପର୍ବରେ ୧ ହଜାରରୁ ଊର୍ଦ୍ଧ୍ୱ ଅନ୍ୟ ରାଜନୈତିକ ଦଳର କର୍ମୀ ଉପସ୍ଥିତ ରହି ବିଜେଡିରେ ଯୋଗଦାନ କରିଛନ୍ତି । ଏହି ଉପଲକ୍ଷେ ଆଜି ଅପରାହ୍ନରେ ଗଁଦିଆ ଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ସଦର ବିଧାୟକ ତଥା ଦଳୀୟ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଉକ୍ତ ବ୍ଲକର ୧୪ଗୋଟି ଗ୍ରାମ ପଞ୍ଚାୟତ ଦେଓଗାଁ, ସୋରିସିଆପଦା, ବିଧାରପୁର, ପୋରୁହଖୋଜ, ରାଇତଳା, ଷଡ଼ଙ୍ଗୀ, ବରଦା, ମନ୍ଦାର, କାଶୀପୁର, ଖଣ୍ଡବନ୍ଧ, ବେଗା ଓ ରତନପୁର, ମଠତେନ୍ତୁଳିଆରୁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଆଦର୍ଶ ତଥା ବିଜେଡି କାର୍ଯ୍ୟାଧାରାରେ ଅନୁପ୍ରାଣିତ ହୋଇ ବିଜେପି ଓ ଅନ୍ୟ ଦଳର କର୍ମୀମାନେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଉକ୍ତ ମିଶ୍ରଣ ପର୍ବରେ ଦେଓଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ବିଜୟ କୁମାର ଦେହୁରୀ, ତାଙ୍କର ସମର୍ଥକଙ୍କ ସହିତ ବିଜୁ ଜନତା ଦଳରେ ମିଶିଥିଲେ । ସେହିପରି ଖଣ୍ଡବନ୍ଧ ପଞ୍ଚାୟତର ପୁରୁଣାଅମାଙ୍ଗ ଗ୍ରାମର ବଜରଙ୍ଗ କ୍ଲବର ସମସ୍ତ ସଦସ୍ୟ ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି । ଉକ୍ତ ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି ଦଳରେ ଯୋଗଦାନ କରିଛନ୍ତି । ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଦଳୀୟ ପର୍ଯ୍ୟବେକ୍ଷକ ଅମରଜିତ ସେନାପତି, ବ୍ଲକ ସଭାପତି ବିଶ୍ୱନାଥ ଜେନା, ବିଧାୟକଙ୍କ ବ୍ଲକ ପ୍ରତିନିଧି ନିରାକାର ରାଉତ, ଯୁବ ବିଜେଡି ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଓ ବ୍ଲକ ମହିଳା ସଭାପତି ଶୁଭଦର୍ଶନୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଏହି ମିଶ୍ରଣ ପର୍ବରେ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ଫଳରେ ଉକ୍ତ ବ୍ଲକରେ ଆଗାମୀ ଦିନରେ ଦଳର ଶକ୍ତି ବୃଦ୍ଧିହେବା ସହ ଗତଥର ଠାରୁ ଦଳ ଏଠାରେ ଅଧିକ ଭୋଟ ପାଇବ ବୋଲି ଦଳୀୟ ବିଧାୟକ ପ୍ରାର୍ଥୀ ଶ୍ରୀ ସାମଲ ଆଶା ପ୍ରକାଶ କରିଛନ୍ତି ।

# ଅହମ୍ମଦିୟା ସଙ୍ଗଠନର ଜଳଛତ୍ର

ଢେଙ୍କାନାଳ, ୧୯ ।୪(ସମିସ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ବସ୍ ଷ୍ଟାଣ୍ଡଠାରେ ଅହମଦିୟା ମୁସଲିମ ଯୁବ ସଂଗଠନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଯୋଗୁଁ ପଥଚାରୀମାନେ ଶୋଷରେ ତହକବିକଳ ହେଉଛନ୍ତି । ତାପମାତ୍ରା ୪୨-୪୩ ଡିଗ୍ରୀ ଉପରେ ରହୁଥିବାରୁ ପାଣି ମୁନ୍ଦାଏ ପିଇବା ପାଇଁ ବାଟୋଇମାନେ ହଟହଟା ହେଉଛନ୍ତି । ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ସମ୍ମୁଖରେ ରଖି ଅହମଦିୟା ଯୁବ ସଂଗଠନର ସଦସ୍ୟମାନେ ଗୁଣ୍ଡିଚାପଡ଼ା ବସ୍ ଷ୍ଟାଣ୍ଡ ସହିଦ୍ ସ୍ମାରକୀ ଠାରେ ଜଳଛତ୍ର ଖୋଲି ପଥଚାରୀଙ୍କ ତୃଷ୍ଣା ନିବାରଣ କରୁଛନ୍ତି । ସ୍ଥାନୀୟ ଯୁବ ସଂଗଠନ ପକ୍ଷରୁ ଖୋଲାଯାଇଥିବା ଏହି ଜଳଛତ୍ର କେନ୍ଦ୍ରରୁ ବାଟୋଇଙ୍କୁ ଦହି ସରବତ ତଥା ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରାଯାଉଛି । ଅହମଦିୟା ମୁସଲିମ ସମ୍ପ୍ରଦାୟ ଗୁଣ୍ଡିଚାପଡ଼ାର ସଭାପତି ସୁଲେମାନ ଅଲୀ ଖାଁ ତଥା ସଲିମ ଉଦ୍ଦିନ ଖାଁ ସାମୂହିକ ଏହି ଜଳଛତ୍ରର ଶୁଭାରମ୍ଭ କରିଥିଲେ । ଏହି ଶୁଭକାର୍ଯ୍ୟକୁ ଅହମଦିୟା ମୁସଲିମ ଯୁବ ସଂଗଠନର ଅଧ୍ୟକ୍ଷ ଶେଖ୍ ଜହୀର, ପୂର୍ବତନ ଅଧ୍ୟକ୍ଷ ମହମୁଦ ଖାଁ ସମେତ ଆସିଫ ଅଲ୍ଲୀ ସୁଲେମାନ, ଶେଖ୍ ତନୱିର, ଇଦରିସ ଖାଁ, ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ତୋରାବ ଖାଁ, ଶେଖ୍ ମେହଦି, ଆଦିଲ ଅଲୀ ଖାଁ, ଫରିଦ ଉଦ୍ଦିନ ଖାଁ, କରିମ୍ ଖାଁ ବବଲୁ, ହମିଦ ଅହମଦ, ମୁଜାହିର ଅହମଦ ପ୍ରମୁଖ ସହଯୋଗ କରିଥିଲେ ।



# ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସର୍ବତ ବଣ୍ଟନ

ଢେଙ୍କାନାଳ, ୧୯ ।୪(ସମିସ) : ସ୍ଥାନୀୟ ଅଗ୍ରଣୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ନିତା ନୃତ୍ୟାଙ୍ଗନା ସହରରେ ଅଧିକ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ ନିକଟରେ ଏକ ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଦର ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଅନୁଷ୍ଠାନର ସଦସ୍ୟମାନଙ୍କ ସହ ମିଶିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଆଶିଷ କୁମାର ପାଲ୍, ନିର୍ଦ୍ଦେଶକ ଶିଳ୍ପୀ ପରେଶ୍ ଚନ୍ଦ୍ର ପଟ୍ଟନାୟକ, ଅଜିତ ପାଲ୍, ସାଗରିକା ଶତପଥୀ, ବର୍ଷାରାଣୀ ରଣା, ସନ୍ତୋଷ କୁମାର ସାହୁ, ଧ୍ରୁବ ଚରଣ ଲେଙ୍କା, ବବିତା ରାଉତ, ଶାଇ ଶୁଭମ୍ ଦାସ, ଅନୁଷ୍ଠାନର ଛାତ୍ର ଛାତ୍ରୀ ଓ ଅଭିଭାବକ ପ୍ରମୁଖ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ ।



# ପରଜଙ୍ଗରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

**କାମାକ୍ଷାନଗର, ୧୯ ।୪(ସମିସ)**

ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳ ପରିବାର ତରଫରୁ ପରଜଙ୍ଗ ନିର୍ବାଚନ ମଣ୍ଡଳୀ କାମାକ୍ଷାନଗର ବ୍ଲକ କନ୍ତିଓପୁଟ ସାହି ମା' ଖୁମ୍ବେଶ୍ୱରୀ ମନ୍ଦିର ଠାରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର ସମର୍ଥକ, ଦଳୀୟ ନେତା ଓ କର୍ମୀଙ୍କୁ ନେଇ କାମାକ୍ଷାନଗର ବ୍ଲକ କନ୍ତିଓପୁଟସାହି ଠାରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡ଼ ନୃସିଂହ ଚରଣ ସାହୁ ଓ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ ଅବିନାଶ ସାମଲ ପ୍ରଚାର କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ବିଜୁ ଜନତା ଦଳ ରାଜ୍ୟରେ ସାଧାରଣ ଲୋକଙ୍କ ପାଇଁ କାମ କରୁଛି । ଯାହା ଫଳରେ ଗାଁ ଗାଁରେ ପକ୍କା ସଡ଼କ, ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଶିଳ୍ପ ଇତ୍ୟାଦି ପ୍ରତିଷ୍ଠା କରାଯାଇ ଗ୍ରାମାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି । ଯାହା ଫଳରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ହଜାର ହଜାର ସାଧାରଣ ଲୋକ ହାତ ପାହାନ୍ତାରେ ମୌଳିକ ସୁବିଧା ପାଇପାରୁଛନ୍ତି । ତେଣୁ ରାଜ୍ୟର ବିକାଶ ତଥା ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିକାଶର ଧାରାକୁ ଆଗେଇ ନେବା ପାଇଁ ଉପସ୍ଥିତ କର୍ମୀ ଶପଥ




ନେଇଥିଲେ । ଏହି ଅବସରରେ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଓ ପରଜଙ୍ଗ ବିଧାୟକ ଭାବେ ଡ଼ ନୃସିଂହ ଚରଣ ସାହୁ ବିପୁଳ ଭୋଟରେ ବିଜୟୀ ହେବା ନିମନ୍ତେ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ବେହେରା, କାମାକ୍ଷାନଗର ବ୍ଲକ ବିଜେଡିର ସମସ୍ତ ଛାମୁଆ ନେତାଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ । ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଥିଲେ । ଯାହାକୁ ନେଇ ଆଗାମୀ ଦିନରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜେଡି ଅଧିକ ମଜବୁତ ହେବ ବୋଲି ବିଧାୟକ ଡ଼ ସାହୁ କହିଛନ୍ତି ।

# ସକାଳୁଆ ଅଫିସ୍; ବାବୁ ଆସୁଛନ୍ତି ୯ଟା ପରେ





**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାହିଁ ବାୟୋମେଟ୍ରିକ ଉପସ୍ଥାନ**

**ଜଗତସିଂହପୁର, ୧୯।୪(ସମିସ)**

ଜିଲ୍ଲାରେ ପାରଦ ୪୦ ଟପିଛି। ପ୍ରବଳ ଖରା ଓ ଗରମକୁ ନଜରରେ ରଖି ସରକାରଙ୍କ ପକ୍ଷରୁ ସକାଳୁଆ ଅଫିସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୧୦ ତାରିଖ ବୁଧବାର ଠାରୁ ଜଗତସିଂହପୁର ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ସରକାରୀ ଦପ୍ତରରେ ସକାଳୁଆ ଅଫିସ ଚାଲିବା ଆରମ୍ଭ ହୋଇଛି। ତେବେ ସକାଳ ୯ଟା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ କର୍ମଚାରୀ ଓ ଅଧିକାରୀ ଆସୁଥିବାରୁ ସାଧାରଣ ଲୋକ ସକାଳୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଅନ୍ୟପକ୍ଷରେ ଏହି କର୍ମଚାରୀମାନେ ବିଳମ୍ବରେ ଆସି ଶୀଘ୍ର ଚାଲିଯାଉଥିବାରୁ ସରକାରୀ କାର୍ଯ୍ୟ ଦିବସର ଘଣ୍ଟା ଘଣ୍ଟା ନଷ୍ଟ ହେଉଛି।

ଅଂଶୁଘାତ ଜନିତ ସମସ୍ୟାର ମୁକାବିଲା ପାଇଁ ସକାଳୁଆ ଅଫିସର ସମୟ ସାରଣୀ ସକାଳ ୭ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ରହିଛି। ସକାଳୁ ଆସି ଲୋକମାନେ ସରକାରୀ ଦପ୍ତରେ ଥିବା ନିଜର କାମସାରି ଶୀଘ୍ର ଘରକୁ ଫେରିଯିବାକୁ ସକାଳୁଆ ଅଫିସ ଖୋଲିବାର ଉଦ୍ଦେଶ୍ୟ ରହିଛି। ତେବେ ଜଗତ୍‌ସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାଂଶ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ଜନସାଧାରଣଙ୍କୁ ଏହି ସକାଳୁଆ ଅଫିସର ସୁଫଳ ମିଳିପାରୁନଥିବା ଅଭିଯୋଗ ହେଉଛି। ଏପରିକି ଆଜି ସକାଳ ୯ଟା ପର୍ଯ୍ୟନ୍ତ କିଛି ଅଧିକାରୀଙ୍କ କାର୍ଯ୍ୟାଳୟର ତାଲା ଖୋଲିନଥିବା ଦେଖିବାକୁ ମିଳିଛି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ବିଭାଗୀୟ ଅଧିକାରୀ ନିଜ କାର୍ଯ୍ୟାଳୟକୁ ଆସିନଥିବା ସମୟରେ ମାତ୍ର ଜଣେ ଜଣେ କିରାଣି କିମ୍ବା ଚପରାଶି କାର୍ଯ୍ୟାଳୟରେ ବସିରହିଥିବା ଦେଖିବାକୁ ମିଳିଛି। ବିଳମ୍ବରେ ଆସିଥିବା କିଛି ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଫିଲ୍ଡ ଭିଜିଟ୍‌ର ବାହାନା ଦେଖାଇ ଖସିବାକୁ ଚେଷ୍ଟା କରୁଥିଲେ।

ଜଗତ୍‌ସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏପର୍ଯ୍ୟନ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ନଥିବାରୁ ବହୁ ଅଧିକାରୀ ଓ କର୍ମଚାରୀ ଏହି ବାହାନାରେ ଜାଣିଶୁଣି ବିଳମ୍ବରେ ପହଞ୍ଚୁଥିବା ସୂଚନା ମିଳିଛି। ଜଗତ୍‌ସିଂହପୁରର ପଡୋଶୀ ଜିଲ୍ଲା କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାlପାଳଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ ବ୍ୟବସ୍ଥା କଡାକଡି ଭାବରେ ପାଳନ ହେଉଥିବାବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ଏହି ବ୍ୟବସ୍ଥା ନଥିବା ଦୁର୍ଭାଗ୍ୟଜନକ ବୋଲି ଜିଲ୍ଲା ବୁଦ୍ଧିଜୀବୀ ଫୋରମ ଦାବି କରିଛି। ଜିଲ୍ଲାପାଳ ସିସିଟିଭି ବ୍ୟବସ୍ଥାରୁ କର୍ମଚାରୀଙ୍କ ଉପସ୍ଥିତି ତନଖି କରିଲେ ଅଭିଯୋଗର ସତ୍ୟାସତ୍ୟ ଜାଣି ପାରିବେ ବୋଲି ଚିନ୍ମୟ ପ୍ରସାଦ ସାହାଣୀ, ଅଭୟ ପରିଡ଼ା, ଅନିଲ ଦାସ ଓ ରାଜକିଶୋର ରାଉତ ପ୍ରମୁଖ ଦାବି କରିଛନ୍ତି।

ସେହିପରି ଜିଲ୍ଲାର ୮୦ ପ୍ରତିଶତ କର୍ମଚାରୀ ସରକାରଙ୍କଠାରୁ ପ୍ରତିମାସରେ ଘରଭଡା ଜନିତ ଭତ୍ତା ଗ୍ରହଣ କରୁଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କଟକ ଓ ଭୁବନେଶ୍ୱରରେ ରହି ଜିଲ୍ଲାକୁ ପ୍ରତିଦିନ ବସ୍ କିମ୍ବା ବ୍ୟକ୍ତିଗତ ଗାଡିରେ ଯିବା ଆସିବା କରୁଛନ୍ତି। ୧୦ରୁ ୪ଟା ଅଫିସରେ ସେମାନେ କୌଣସି ପ୍ରକାର ନିଜ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟା ମଧ୍ୟରେ ପହଁଚି ଯାଉଥିବା ସମୟରେ ବର୍ତ୍ତମାନ ସକାଳୁଆ ଅଫିସ ପାଇଁ ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି। ବିଳମ୍ବରେ ଆସୁଥିବା ଏହି କର୍ମଚାରୀଙ୍କ ପାଇଁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ଆଜି ଜିଲ୍ଲାପାଳଙ୍କ କର୍ଯ୍ୟାଳୟକୁ ଆସି ଅପେକ୍ଷା କରିଥିବା ସୁଣ୍ଢଳ ନାଉଗାଁର ଅକ୍ଷୟ କୁମାର ଦାସ(୭୦), ସାଧୁ ପଟ୍ଟନାୟକ (୭୪), ବିରିଡିର ଅକ୍ଷୟ ଦାସ, ରଘୁନାଥପୁରର ଅସୀମା ସାହୁ, ଶଙ୍କର୍ଷଣ ସାହୁ, କୁଜଙ୍ଗ ରାହାମାର ଡଲି ଜେନା, ବାଲିକୁଦାର ପୀତାମ୍ବର ରାଉତ ପ୍ରମୁଖଙ୍କୁ ପଚାରିବାରୁ ସେମାନେ ବିଭିନ୍ନ କାମରେ ଆସି ବିଭାଗୀୟ ଅଧିକାରୀଙ୍କୁ ଅପେକ୍ଷା କରିଥିବା ନେଇ ପ୍ରକାଶ କରିବା ସହିତ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କଲେ ସାଧାରଣ ଲୋକ ଉପକୃତ ହେବେ ବୋଲି ସେମାନେ କହିଛନ୍ତି।

## ସୁଶ୍ରୀ ଶୁଭଶ୍ରୀର ଚଇତି ଆସର



**ତିର୍ତ୍ତୋଲ, ୧୯।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ତରଫରୁ ଚୈତ୍ର ମାସର ବିଶେଷତ୍ୱକୁ ନେଇ ଚଇତି ଆସର ଇଦ୍ରିସିଂସ୍ଥିତ ଉତ୍ତରେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦିକା ଶିକ୍ଷାବିତ୍ ବସନ୍ତ ମଞ୍ଜରୀ ଦାସ ଓ ସଭାପତି ପ୍ରେମଚରଣ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆସରରେ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଆଇନଜୀବୀ ମଞ୍ଜୁଲତା ରାଉତ ଯୋଗଦେଇ ଚୈତ୍ର ମାସରେ କୈବର୍ତ୍ତମାନଙ୍କ ଶୃଙ୍ଖଳିତ ଦର୍ଶନଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଙ୍ଗଠକ ନଗେନ୍ଦ୍ରନାଥ ସ୍ୱାଇଁ, ଅତିଥି ଭାବେ ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ହୃଷୀକେଶ ଜେନା ଓ ପୂର୍ବତନ ଜିଲ୍ଲା ପରିଷଦ ହେମନ୍ତ କୁମାର ନାୟକ ଓ ବିଶିଷ୍ଟ ଅତିଥି ଇଂ. ପଦ୍ମନାଭ ରାଉତ ପ୍ରମୁଖ ଯୋଗଦେଇ ଚଇତି ପର୍ବ ଓ ପାରମ୍ପରିକ ପର୍ବ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। କଥା ପୁରସ୍କାରପ୍ରାପ୍ତ ଯୁବ ଲେଖକ ଦୀପ୍ତିରଞ୍ଜନ ଖଣ୍ଡୁଆଳ ଚୈତ୍ରପର୍ବ ମାହାତ୍ମ୍ୟ ଉପରେ ଲିଖିତ କବିତା ଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ଯୁବ ପ୍ରତିଭାଧର ମୃତ୍ୟୁଞ୍ଜୟ ଜୟସିଂହ, ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି ଓ ଡଃ ତନ୍ମୟ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବୈଦ୍ୟନାଥ ସାହୁ, ଶ୍ୟାମସୁନ୍ଦର ବେହେରା, ଲୋକନାଥ ବଡପଣ୍ଡା, ମହମୁଦ ମନସୁର ଅଲ୍ଲୀ, ଅରୂପାନନ୍ଦ ସ୍ୱାଇଁ, ମାନସ ରଞ୍ଜନ ସାହୁ, ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଆଞ୍ଚଳିକ ପୂଜ୍ୟପୂଜା ସଂସଦର ସମ୍ପାଦକ ଯଯାତି କେଶରୀ ସାମନ୍ତରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



**'ଏରସମା, ୧୯।୪(ସମିସ):** ଏରସମା ବ୍ଲକ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ଗୁରୁଗୁରିଆ ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ଏକାଦଶାହ ଅବସରରେ ଗୁରୁବାର ସନ୍ଧ୍ୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କର ଗାଁର ଉନ୍ନତି ଅବଦାନ ସବୁଦିନ ପାଇଁ ମନେରହିବ ବୋଲି କହିଥିଲେ। ଗାଁ ମୁରବୀ ତଥା ବେଡିମଠ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦ ସମ୍ପାଦକ ଡମ୍ବରୁଧର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ନଳିନୀ କୁମାର ସ୍ୱାଇଁ, କବି ଭୁବନାନନ୍ଦ ମହାନ୍ତି, ଅବସରପ୍ରାପ୍ତ ଇଂ. କ୍ଷୀରୋଦ ସ୍ୱାଇଁ, ଅଧ୍ୟାପକ ହିରଣ୍ୟ କୁମାର ସ୍ୱାଇଁ, ଯୁବ ପ୍ରଶାସକ ଅମରେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ମୂରଲୀଧର ମଲ୍ଲିକ, ଅବସରପ୍ରାପ୍ର ସୁରକ୍ଷାକର୍ମୀ ଭାଗବତ ସେଠି, ରମେଶ ପାଲ୍, ଅଭୟ ପାତ୍ର ଓ ପ୍ରଶାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ସାମ୍ବାଦିକ ପ୍ରଶାନ୍ତ କୁମାର ମହାପାତ୍ର ସ୍ମୃତି ଚାରଣ ସଭାକୁ ପରିଚାଳନା କରିଥିଲେ।

## ବିଧାୟକ ପ୍ରଶାନ୍ତଙ୍କ ଜନ୍ମଦିନରେ ଜଳଛତ୍ର



**ଜଗତସିଂହପୁର, ୧୯।୪(ସମିସ):** ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଜନ୍ମଦିନ ଅବସରରେ ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଏକ ଦିବସୀୟ ଜଳଛତ୍ର କେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରରେ ପଥଚାରୀ ଓ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ସହିତ ଦହି ଓ ଲେମ୍ବୁପାଣିର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱ ରଞ୍ଜନ ପରିଡ଼ା, ପୂର୍ବତନ ନାଏବ ସରପଞ୍ଚ ଦ୍ୱିଜବର ପରିଡ଼ା, ମନୋରଞ୍ଜନ ଦାସ, ନାରାୟଣ ପରିଡ଼ା, ଦେବଦତ୍ତ ତ୍ରିପାଠୀ, ପ୍ରବୀର ବେହୁରା, ଅସିତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୟୁଥ୍ ୟୁନିୟନ୍ ପକ୍ଷରୁ ଜଳଛତ୍ର



**ବାଲିକୁଦା, ୧୯।୪(ସମିସ):** ମା' ବନ୍ଦରେଇ ୟୁଥ୍ ୟୁନିୟନ ପକ୍ଷରୁ ପ୍ରବଳ ଖରା ହେଉଥିବା କାରଣରୁ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିଶିର କୁମାର ଜେନାଙ୍କ ତତ୍ତ୍ୱାବଧାନରେ ମା' ବନ୍ଦରେଇଙ୍କ ପୀଠକୁ ଆସୁଥିବା ଭକ୍ତମାନଙ୍କୁ ଜଳ ବିତରଣ କରଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ନବଘନ ବେହେରା, ସଦସ୍ୟ ପୀତାମ୍ବର ସ୍ୱାଇଁ, ସଂଗ୍ରାମ କେଶରୀ ଜେନା, ଦିଲୀପ ବେହେରା, ଫେଲୁ ପ୍ରତାପ ବେହେରା, ବାପିନା ମାହାଳୀ, କାହ୍ନୁ ମାହାଳୀ, ମାନସ ବେହେରା, ଦେବାଶିଷ ବିଶ୍ୱାଳ, ରାମା ସେଠୀ, ଗଣେଶ ସ୍ୱାଇଁ, ଦୀପୁ ପଲେଇ, ଗଙ୍ଗାଧର ଜେନା, ଜ୍ଞାନ ସ୍ୱାଇଁ, ସଞ୍ଜୟ କୁମାର ବାରିକ, ଟୁଲୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

**ପାରାଦୀପ, ୧୯।୪(ସମିସ) :** ପାରାଦୀପ ଲକଥାନା ଅଧିନ କୋଲଡିଆ ଗ୍ରାମରେ ରହୁଥିବା ସୁକାନ୍ତି ବିଦ୍ଧାଣି ନାମକ ଜଣେ ମହିଳାଙ୍କର ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ଆଜି ସନ୍ଧ୍ୟାରେ ସୁକାନ୍ତି କୌଣସି କାର୍ଯ୍ୟରେ ଗ୍ରାମ ରାସ୍ତା ପାର ହେଉଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସେ ଏହା ଜାଣି ନପାରି କାର୍ଯ୍ୟରେ ଲାଗିଥିବା ବେଳେ ହଠାତ ତାଙ୍କ ମୁଣ୍ଡ ବୁଲାଇବାରୁ ତାଙ୍କୁ ସଙ୍ଗେ ସଙ୍ଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମହିଳା ଜଣକ କୋଲଡିଆ ଗ୍ରାମର ବାସିନ୍ଦା ହୋଇ ନଥିବାବେଳେ ବାହାରୁ ଆସି ଗ୍ରାମ ରାସ୍ତାକଡରେ ସପରିବାର ରହୁଥିଲେ। କୁଜଙ୍ଗ ଡାକ୍ତରଖାନାରେ ପୁଲିସ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## କବିବର ରାଧାନାଥ ଓ ଭାରତରତ୍ନ ରାଧାକ୍ରିଷ୍ଣନ୍‌ଙ୍କ ଶ୍ରାଦ୍ଧୋତ୍ସବ




**ଜଗତସିଂହପୁର, ୧୯।୪(ସମିସ):** ଆଧୁନିକ ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା ତଥା କବିବର ରାଧାନାଥଙ୍କ ୧୧୬ତମ ଶ୍ରାଦ୍ଧୋତ୍ସବ ତଥା ଭାରତର ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ୪୯ତମ ଶ୍ରାଦ୍ଧୋତ୍ସବ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କବିବର ରାଧାନାଥଙ୍କ କାବ୍ୟ ସମ୍ଭାର, ଚିଲିକା, ଚନ୍ଦ୍ରଭାଗା, ଉଷା, ପାର୍ବତୀ, ମହାଯାତ୍ରା ଓ ଦରବାର ପ୍ରଭୃତି ତାଙ୍କର ଗୋଟିଏ ଗୋଟିଏ କାଳଜୟୀ ସୃଷ୍ଟି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ତାଙ୍କ ବକ୍ତ୍ୟବରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜଣେ ପ୍ରବୀଣ ଦାର୍ଶନିକ, ମହାନ ରାଷ୍ଟ୍ରଗୁରୁ ଓ ନିଆରା ଜନନାୟକ ଭାବେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ଦାସ, ସଞ୍ଜୟ ସାମନ୍ତ ସିଂହାର, ବ୍ରହ୍ମାନନ୍ଦ ତ୍ରିପାଠୀ ଓ ପ୍ରଶାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କବାଟବନ୍ଧ,୧୯।୪ (ସମିସ):** ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧୀନ ବାଲିସାହି ବଜାରର ଏକ ଦୋକାନରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମୃତ ମହିଳା ଜଣଙ୍କ ଗୋଡ଼ିପାଟିଆ ଗ୍ରାମର ସୂର୍ଯ୍ୟମଣି ରାଉତଙ୍କ ଝିଅ ଅଞ୍ଜନା ରାଉତ (୪୨)ବୋଲି ଜଣାପଡ଼ିଛି। ଅଞ୍ଜନା ସ୍ଥାନୀୟ ବାଲିସାହି ଛକରେ ଏକ ଟେଲର ଦୋକାନ କରି ନିଜ ପରିବାର ଚଳାନ୍ତି। ଶୁକ୍ରବାର ମଧ୍ୟାହ୍ନରେ ସେ ଦୋକାନରେ ବେକରେ ଏକ ଶାଢ଼ୀ ଲଗାଇ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ମେଡ଼ିକାଲକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେନାପୁର ପୁଲିସ ଧର୍ମଶାଳା ମେଡ଼ିକାଲରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଖରସ୍ରୋତାରେ ନିଖୋଜ ଦୁଇଭାଇଙ୍କ ମୃତଦେହ ଉଦ୍ଧାର

**କୁଆଖିଆ, ୧୯।୪ (ସମିସ):** ଯାଜପୁରରୋଡ୍ ଥାନା ଯୋକଡିଆ ନିକଟ ଖରସ୍ରୋତା ନଦୀରେ ଗତକାଲି ଗାଧୋଉଥିବାବେଳେ ପାଣିରେ ଭାସିଯାଇ ନିଖୋଜ ହୋଇଥିବା ୨ ଭାଇଙ୍କ ମୃତଦେହକୁ ଆଜି ଉଦ୍ଧାର କରାଯାଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ଉଭୟଙ୍କ ମୃତଦେହ ଉଦ୍ଧାର ହୋଇଛି। ବ୍ୟାସନଗର ପୌରାଞ୍ଚଳ ସାପଗଡିଆ ଅଞ୍ଚଳର ଶାଶ୍ୱତ ରଞ୍ଜନ ସ୍ୱାଇଁ ଓ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ଗତକାଲି ମଧ୍ୟାହ୍ନରେ ଖରସ୍ରୋତା ନଦୀକୁ ଗାଧେଇବାକୁ ଯାଇଥିଲେ। ତେବେ ଗାଧୋଇବା ସମୟରେ ବଡ଼ଭାଇ ଶାଶ୍ୱତ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ସାନଭାଇ ସ୍ୱସ୍ତିକ ବଡ଼ଭାଇକୁ ବଞ୍ଚାଇବାକୁ ଯାଇ ଡେଇଁଥିଲେ। ଉଭୟ ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ନିଖୋଜ ଯୁବକଙ୍କୁ ବହୁ ସମୟ ଧରି ଖୋଜାଖୋଜି କରିଥିଲେ ହେଁ ପତ୍ତା ମିଳି ନ ଥିଲା। ତେବେ ଆଜି ସକାଳୁ ୭.୩୦ ମିନିଟରେ ବଡ଼ଭାଇ ଶାଶ୍ୱତର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ସକାଳ ୮ଟା ସମୟରେ ସାନଭାଇର ମୃତଦେହ ଉଦ୍ଧାର କରାଯାଇଥିଲା।

## ଆଇରନ ଟ୍ରକ୍ କବ୍‌ଜାରେ ପାରାଦୀପ ରାଜରାସ୍ତା




**ପାରାଦୀପ, ୧୯।୪(ସମିସ):** ପାରାଦୀପ ମୁଖ୍ୟ ରାସ୍ତା ଏବେ ଆଇରନ ଗାଡି କବ୍‌ଜାରେ। ହଜାର ହଜାର ପଣ୍ୟ ବୋଝେଇ ଟ୍ରକ ବନ୍ଦର ମଧ୍ୟରେ ପଣ୍ୟ ଖଲାସ କରିବା ପାଇଁ ପାରାଦୀପରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ରାସ୍ତାରେ ଲମ୍ବା ଲାଇନ ହୋଇ ଛିଡା ହୋଇଛନ୍ତି। ଶୃଙ୍ଖଳିତ ଭାବେ ଲାଇନରେ ଗାଡି ବନ୍ଦର ମଧ୍ୟ କୁ ଯିବା ଲାଗି ପୁଲିସ ପ୍ରଶାସନ ଦିବାରାତ୍ରି ଉଜାଗର ଥିଲେ ମଧ୍ୟ ଟ୍ରକ ଗୁଡିକ ନମାନି ଧାଡି ଭାଙ୍ଗି ଯିବା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବିଳମ୍ବିତ ରାତ୍ରିରେ ଧାଡିଭାଙ୍ଗି ଆଇରନ ଟ୍ରକ ଦ୍ରୁତ ଗତିରେ ଯାଉଥିବା ସମୟରେ ପୁଲିସ ସାଜିଛି ଦେଖଣାହାରି। ଡ୍ୟୁଟିରେ ରହିଥିବା ପୁଲିସ କର୍ମଚାରୀ ଅଟକାଇବାକୁ ଚେଷ୍ଟା କରିଲେ ମଧ୍ୟ ଖାତିର ନ କରି ଦ୍ରୁତ ଗତିରେ ଧାଡିଭାଙ୍ଗି ଯାଉଛନ୍ତି ଆଇରନ ଟ୍ରକ। ଯାହାକୁ ନେଇ ପାରାଦୀପ ରାଜରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟି ନିରୀହ ଜୀବନ ଚାଲିଯାଉଥିଲେ ମଧ୍ୟ ଏଥିପ୍ରତି ଏହି ବେପରୁଆ ଆଇରନ ଟ୍ରକ ଚାଳକଙ୍କ ଖାତିର ନାହିଁ। କାହା ଇସାରାରେ ଏହି ଆଇରନ ଟ୍ରକଗୁଡିକ ପୁଲିସ ପ୍ରଶାସନକୁ ନମାନି ଦ୍ରୁତ ଗତିରେ ଗାଡି ଚାଳନା କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାରମ୍ବାର ଏହି ଆଇରନ ଟ୍ରକ ଗୁଡିକ ଧାଡିଭାଙ୍ଗି ରାଜରାସ୍ତା ଅବରୋଧ କରୁଥିବା ସମୟରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କିନ୍ତୁ ଏଥିପ୍ରତି ସେମାନଙ୍କୁ କୌଣସି ରୋକ ନାହିଁ। ଯାହା ଫଳରେ ଅନେକ ସମୟରେ ସାଧାରଣ ପଥଚାରୀ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ବିରୋଧ କରିଲେ ମଧ୍ୟ ପ୍ରଶାସନର ଗିରଫଦାରି ଭୟରେ ମୁହଁ ବନ୍ଦ କରି ସାଧାରଣ ଲୋକେ ଦେଖଣାହାରୀ ସାଜିଛନ୍ତି।

ରାତି ହେବାମାତ୍ରେ ଆଇରନ ଟ୍ରକ ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାକୁ ନେଇ ସ୍ଥାନୀୟ ଲୋକେ ଓ ଅନେକ ଡ୍ରାଇଭର ସ୍ଥାନୀୟ ପୁଲିସ ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପୁଲିସ ଓ କିଛି ପରିବହନକାରି ସଂସ୍ଥା ମଧ୍ୟରେ ହୋଇଥିବା ମଧୁଚନ୍ଦ୍ରିକାର ଏହି ଦୃଶ୍ୟ ବୋଲି କିଛି ଗାଡି ଚାଳକ ପ୍ରକାଶ କରିଛନ୍ତି। ପାରାଦୀପ ଗଡ଼ଠାରୁ ପୋର୍ଟକୁ ପ୍ରବେଶ କରିବାକୁ ଆମକୁ ତିନିଦିନ ଲାଗୁଥିବା ବେଳେ କିଛି ନିର୍ଦ୍ଦିଷ୍ଟ ପରିବହନକାରୀ ସଂସ୍ଥାର ଗାଡିଗୁଡିକ ସନ୍ଧ୍ୟା ପରେ ପରେ ପୁଲିସର ଉପସ୍ଥିତରେ ଧାଡିଭାଙ୍ଗି ଦ୍ରୁତଗତିରେ ବନ୍ଦର ଗେଟ ନିକଟକୁ ଯାଉଥିବା ବେଳେ ସାଧାରଣ ଗାଡିଟିଏ ଯଦି ଟିକେ ଆଗକୁ ଯାଉଛି ତେବେ ଉପସ୍ଥିତ ପୁଲିସ କର୍ମଚାରୀଙ୍କ ଜୁଲମର ଶିକାର ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି। ତେବେ ଏହି ସମସ୍ୟା ଦୀର୍ଘଦିନ ଧରି ଚାଲୁ ରହିଥିବାବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ନୀରବ ରହିବା ଏବଂ ଗାଡି ଡ୍ରାଇଭର ମାନଙ୍କ ଅଭିଯୋଗ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ କେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେଉଛି ତାହା ସମୟ କହିବ ବୋଲି କିଛି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

**ଚନ୍ଦନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ମାତୃଶକ୍ତି କ୍ଲବ୍ ଚାମ୍ପିଅନ୍



**ବାଲିକୁଦା, ୧୯।୪(ସମିସ)**

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ କୂଳସାହି ମା' ବାଟମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଚନ୍ଦନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ସାଲ ବେଲପୁର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୪୦ ରନ କରିଥିଲା। ଜବାବରେ ମାତୃଶକ୍ତି କ୍ରିକେଟ୍ କ୍ଲବ ଦଶବାଟିଆ ଅନ୍ତିମ ଓଭରରେ ୯ ଉଇକେଟ ହରାଇ ୪୧ ରନ କରି ଚାମ୍ପିଅନ୍ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ନିମାଇଁ ସ୍ୱାଇଁ ବିବେଚିତ ହୋଇଥିବାବେଳେ ମ୍ୟାନ ଅଫ ଦି ସିରିଜ ବ୍ରହ୍ମଜିତ ବିଶ୍ୱାଳ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପାୟାର ଭାବେ ପୃଥ୍ୱୀରାଜ ମହାନ୍ତି, ସ ଞ୍ଜୟ ବିଶ୍ୱାଳ, ମିଥୁନ ସେଠୀ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରବୋର୍ଡ ଦାୟିତ୍ୱରେ ସୁଜିତ ସାହୁ ଓ ପ୍ରତାପ ସେଠି ସହାୟତା ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ପିଣ୍ଟୁ ମହାରଣା ଓ ସାଗର ବିଶ୍ୱାଳ ପ୍ରଦାନ କରିଥିଲେ।

ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତପନ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଉଲ୍ଲାଶ ମଲ୍ଲିକ ଓ ପବିତ୍ର ପଣ୍ଡା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଲବର ସଦସ୍ୟ କାହ୍ନୁ ମହାନ୍ତି, ପ୍ରସନ୍ନ ମହାନ୍ତି, ସଞ୍ଜୟ ମହାନ୍ତି, ଚିକୁନ ମହାନ୍ତି, ରିଙ୍କୁନ ମହାନ୍ତି, ବୁଲୁ ମହାନ୍ତି, ପିନୁ ଜେନା, ମୁନା ଓଝା, ପୁପୁ ମହାରଣା, ବାବୁ ଜେନା, ରିଙ୍କୁ ମହାରଣା, ରୁଦ୍ର ମହାନ୍ତି, ରାଜା ଜେନା, ଆଲୋକ ପରିଡ଼ା, ରାମ ସାହୁ, ପିଙ୍କୁ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

● ଦାନପୁରସ୍ଥ ଲୁଣାସେତୁକୁ ସଂଯୋଗୀକରଣ ରାସ୍ତା

# ଶିଳାନ୍ୟାସକୁ ମାସେ ପୂରିଲା; ଭୂଇଁରୁ ଉଠୁନି କାମ





**ଡେରାବିଶ, ୧୯।୪ (ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀର ଦାନପୁର ସେତୁକୁ ସଂଯୋଗୀକରଣ ରାସ୍ତାର ଶିଳାନ୍ୟାସକୁ ଇତିମଧ୍ୟରେ ଏକମାସରୁ ଅଧିକ ଅବଧି ହୋଇଗଲାଣି। ହେଲେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଅଦ୍ୟାବଧି ଏହି କାର୍ଯ୍ୟ ଭୂଇଁରୁ ଉଠିନାହିଁ। ସୂଚନା ମୁତାବକ, ଲୁଣା ନଦୀର ଦାନପୁର ସେତୁକୁ ସଂଯୋଗ କରିବା ପାଇଁ କେନ୍ଦ୍ରାପଡ଼ା କେନାଲ୍ ଉପରେ ୨୦୧୩ରୁ ଏହି ସଂଯୋଗୀକରଣ ସେତୁ ନିର୍ମାଣ ହୋଇଥିଲା। ତେବେ ଏହି ରାସ୍ତା ନିର୍ମାଣ ନିମନ୍ତେ କିଛି ବେସରକାରୀ ଜମିରୁ ଲୋକଙ୍କୁ ବିସ୍ଥାପିତା କରିବାକୁ ଥିବାରୁ ଏହି ମାମଲା ନ୍ୟାୟାଳୟରେ ବିଚାରଧୀନ ଥିଲା। ସେବେଠାରୁ ପୂର୍ତ୍ତ ବିଭାଗ ନ୍ୟାୟାଳୟ ଆଳରେ ଚୁପ୍ ହୋଇ ବସିଥିଲା। ତେବେ ଚଳିତ ୨୦୨୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ ହଠାତ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଚଳିତ ବର୍ଷ ଜାନୁଆରୀ ୫ ତାରିଖ ଦିନ ସଂଯୋଗୀକରଣ ରାସ୍ତା ସମ୍ମୁଖରେ ଥିବା ଜାଗାକୁ ଖାଲି କରାଯାଇ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା। ପରେ ଟେଣ୍ଡର ନେଇଥିବା ଠିକାଦର ଜଣକ ଏହାକୁ ସମତୁଲ କରିଥିଲେ। ଏହି ସ୍ଥାନରେ ସଫେଇ ଓ ସମତୁଲ କାର୍ଯ୍ୟ ମାତ୍ର ୪ରୁ ୫ ଦିନ ମଧ୍ୟରେ ଶେଷ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଏହି ସଂଯୋଗୀକରଣ ରାସ୍ତା କାର୍ଯ୍ୟ ଆରମ୍ଭ ହେଉଥିବା ଦେଖି ବହୁତ ଖୁସି ହୋଇଥିଲେ। ହେଲେ ସେମାନଙ୍କର ଆଶା ପୁନର୍ବାର ମଉଳି ଯାଇଛି। ଏହି କାର୍ଯ୍ୟ ଆଉ ଆଗେଇ ନାହିଁ କି ମାଟି ମୁଠାଏ ପଡୁନାହିଁ। ଯାହାକି ସାଧାରଣରେ କାର୍ଯ୍ୟର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ନିଜ ନାମ ଗୋପନ ସର୍ତ୍ତରେ ସେ କହିଲେ, ବିଭାଗ ପକ୍ଷରୁ ଏହି କାର୍ଯ୍ୟର ଡିଜାଇନ୍ ଅଦ୍ୟାବଧି ଆସିନାହିଁ। ଏହାର ଡିଜାଇନ୍ ଆସିଲେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ତେବେ ଏହି କାର୍ଯ୍ୟ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇ ୨୦୨୪ ଜୁନ୍ ମାସରେ ଶେଷ ହେବ। ଏହି କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ତୁରନ୍ତ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରିଛନ୍ତି।

## କଷଣଅଣ୍ଟା ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା



**ପଟ୍ଟାମୁଣ୍ଡାଇ, ୧୯।୪(ସମିସ):** ସ୍ଥାନୀୟ କଷଣଅଣ୍ଟା ଗ୍ରାମର ମା’ ବାସନ୍ତୀ ଦୁର୍ଗାଙ୍କ ପୀଠରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମା’ଙ୍କ ସକାଳ ଧୂପ, ଅବକାଶ, ବାଲଭୋଗ, ଆଳତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମଧ୍ୟାହ୍ନରେ ଅଷ୍ଟମୀ ବିହୀତ ପୂଜା ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ବେଦଜ୍ଞ ପଣ୍ଡିତ ବଳରାମ ପଣ୍ଡା, ମା’ ଜଞ୍ଜାଳୀ ଠାକୁରାଣୀଙ୍କ ମୁଖ୍ୟ ପୂଜକ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା, ପଣ୍ଡିତ ଶ୍ରୀଧର କୁମାର ପଣ୍ଡା, ପଣ୍ଡିତ ବିଶ୍ୱଜିତ ରଥ, ନିରାକାର ତ୍ରିପାଠୀ ପ୍ରମୁଖ ମା’ ବାସନ୍ତୀ ଦୁର୍ଗାଙ୍କ ଷୋଡଶ ଉପଚାର ପୂଜା ସମାପନ କରିଥିଲେ। ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳରୁ ବ୍ରତଧାରୀ ମା’ଙ୍କ ପୀଠରେ ଉପସ୍ଥିତ ରହି ଅଷ୍ଟମୀ ବ୍ରତ ପାଳନ କରିଥିଲେ। ସେବକ ଶରତ ଚନ୍ଦ୍ର ବାରିକ ମା’ଙ୍କ ପୂଜାରେ ସହଯୋଗ କରିଥିଲେ। ଏହି ଉତ୍ସବକୁ ମା’ ବାସନ୍ତୀ ଦୁର୍ଗାପୂଜା କମିଟିର ସଭାପତି ହେମନ୍ତ କୁମାର ଜେନା ଓ ସମ୍ପାଦକ ଶ୍ରୀକାନ୍ତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଛନ୍ଦ ଚରଣ ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ବିଷ୍ଣୁଚରଣ ସାହୁ, ଲଳାଟେନ୍ଦୁ ସ୍ୱାଇଁ, ମନ୍ମଥ କୁମାର ରାଉତ, ସୁଶାନ୍ତ କୁମାର ପଣ୍ଡା, ଜୟକୃଷ୍ଣ ରାଉତ, ସୁମନ୍ତ ପାତ୍ର, ମୃତ୍ୟୁଞ୍ଜୟ ପ୍ରଧାନ, ଲଳିତ ମୋହନ ରାଉତ, ବିନୋଦ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଡାମରପୁରରେ ମା’ ବାସନ୍ତୀ କମିଟି ସଭାପତି ନୃସିଂହ ଚରଣ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିବାବେଳେ ରେସୋ ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି।

## ମାଇକ୍‌ବଜାକୁ ନେଇ ଗୋଷ୍ଠୀସଂଘର୍ଷ; ଜଣେ ଆହତ



**ରାଜନଗର,୧୯।୪(ସମିସ):** ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ ଗୋଖଣୀ ଗ୍ରାମରେ ଶ୍ରୀ ହନୁମାନଙ୍କ ପୂଜା ସମୟରେ ହାଇଭୋଲଟେଜ ମାଇକ ବଜାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏ ନେଇ ରାଜନଗର ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଏହି ଗ୍ରାମର ମେନକା ମହାନ୍ତିଙ୍କ ଲିଖିତ ଅଭିଯୋଗ ଅନୁସାରେ ଶ୍ରୀ ହନୁମାନଜୀଉଙ୍କ ପୂଜାରେ ହାଇ ସାଉଣ୍ଡ ଦେଇ ମାଇକ ବଜାଉଥିଲେ। ମୋ ଭାଇ ମାଇକ ସାଉଣ୍ଡ କମାଇବା ପାଇଁ କହିବାରୁ ମାଇକ ଅପରେଟର ନଳିନୀ ସ୍ୱାଇଁ ମୋ ଭାଇ ସହିତ ଆମ ପରିବାରକୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲା। ଏହାକୁ ପ୍ରତିବାଦ କରିବାରୁ ନଳିନୀଙ୍କ ସମେତ ସୁରେଶ ସ୍ୱାଇଁ, ହରି ସ୍ୱାଇଁ, ସୁର ସ୍ୱାଇଁ, ନିଲୁ ସ୍ୱାଇଁ, କାଙ୍ଗାଳି ସ୍ୱାଇଁ, ବୁଲୁ ନାୟକ ପ୍ରମୁଖ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଆହତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଏ ନେଇ ରାଜନଗର ଥାନାରେ କେଶ୍ ନଂ ୧୪୧/୨୦୨୪ ଏବଂ ଅପରପକ୍ଷ ମାଇକି ଅପରେଟର ନଳିନୀ ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ୧୪୩/୨୦୨୪ରେ ମକଦ୍ଦମା ରୁଜୁ କରି ଘଟଣାର ଛାନଭିନ କରୁଛନ୍ତି ବୋଲି ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ମହାକାଳପଡ଼ା,୧୯।୪(ସମିସ):** ମାର୍ଶାଘାଇ ଥାନା ଅନ୍ତର୍ଗତ ତଥା ମହାକାଳପଡ଼ା ବ୍ଲକ ଅଧିନ ଛନ୍ଦା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଦମ୍ପତି ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଛନ୍ଦା ଗ୍ରାମର ନିବେଦିତା ବାରିକ ଏବଂ ତାଙ୍କ ସ୍ୱାମୀ ରାତିରେ ଖାଇସାରି ରାତି ପ୍ରାୟ ସାଢେ ଏଗାରଟା ସମୟରେ ସେହି ଗ୍ରାମରେ ତାଙ୍କର ଥିବା ଅନ୍ୟ ଏକ ଘରକୁ ଶୋଇବାକୁ ଯାଉଥିବା ସମୟରେ ସେହି ଗ୍ରାମର ସତ୍ୟଜିତ ଦାସ (୨୮) ନାମକ ଯୁବକ ଠେଙ୍ଗା ବାଡ଼ିରେ ଆକ୍ରମଣ କରିବା ସହିତ ଅଭିଯୋଗକାରିଣୀ ଙ୍କ ସହିତ ଅସଦାଚରଣ କରିଥିଲେ। ଆକ୍ରମଣ ସମୟରେ ସେମାନଙ୍କୁ ବଞ୍ଚାଇବାକୁ ପାଟି କରି ସାହାଯ୍ୟ ମାଗିବାରୁ ତାଙ୍କ ପାଟି ଶୁଣି ଗ୍ରାମର ଲୋକମାନେ ପହଞ୍ଚି ଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅଭିଯୋଗ ପାଇବା ପରେ ମାର୍ଶାଘାଇ ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ସାକ୍ଷରତା ସମିତି ପକ୍ଷରୁ ଜଳଛତ୍ର



**ପାରାଦୀପ,୧୯ ।୪ (ସମିସ) :** ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି। ବନ୍ଦର ସହରରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ ସାକ୍ଷରତା ସମିତି ଆହ୍ଲାବାଦ ବ୍ୟାଙ୍କ ଏଟିଏମ କାଉଣ୍ଟର ନିକଟରେ ଏକ ଜଳଛତ୍ର କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହାକୁ ବନ୍ଦର ସଚିବ ଯୁଆର ମୋହନ ରାଜୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ବନ୍ଦର ଉପ ସଂରକ୍ଷକ କ୍ୟାପ୍ଟେନ ଡି. ସି. ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ଡେରାବିଶ,୧୯।୪(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀ ସ୍ଥିତ ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଦିବସ ଗତ ପବିତ୍ର ଶ୍ରୀରାମନବମୀ ଦିବସରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆଶିଷ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଅଧ୍ୟକ୍ଷ ଆଲୋକ ରଞ୍ଜନ ଦାସ, ଉପାଧ୍ୟକ୍ଷ ମୀନକେତନ ଖୁଣ୍ଟିଆ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ମହାବିଦ୍ୟାଳୟ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ କଲେଜର ଭିତ୍ତିଭୂମିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ନୂତନ ଗୃହ ପ୍ରତିଷ୍ଠା କରାଯାଇଥିଲା। ସଂସ୍କୃତ ଶିକ୍ଷାର ବିକାଶରେ ସଂସ୍କୃତିର ବିକାଶ ଓ ସଂସ୍କୃତିର ବିକାଶରେ ଦେଶ ଓ ଜାତିର ବିକାଶ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ସ୍ନେହଲତା ମିଶ୍ର, କବିତା ଜେନା, ପ୍ରଶାନ୍ତ କୁମାର ଭୂୟାଁ, ଉମେଶ ଚନ୍ଦ୍ର ଭଞ୍ଜ, ମାନସୀ ରଥ, ମନ୍ଦାକିନୀ ରଥ, ରଶ୍ମିତା ଜେନା, ଅରୁଣବାଳା ବେଜ, ଭାଗ୍ୟଧର ନାୟକ ଓ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ରମିକ ସଂଗଠନର ଜଳଛତ୍ର

**ମହାକାଳପଡ଼ା,୧୯।୪(ସମିସ):** ମହାକାଳପଡ଼ା ବ୍ଲକ ଶକ୍ତିପୀଠ ଦରିଆପାରୀ ମା ରାମଚଣ୍ଡୀଙ୍କ ମେଳାରେ ମହାକାଳପଡ଼ାର ଶ୍ରମିକ ସଂଗଠନ ମା’ ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ’ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଫକୀର ବେହେରା, ଉପ ସଭାପତି ଚକ୍ରଧର ଗୁଡ଼ିଆ, ନିରଞ୍ଜନ ନାୟକ, କୃଷକ ନେତା ରବୀନ୍ଦ୍ର ସାମଲ, ବାବନ ଚରଣ ପଣ୍ଡା, ଅଫିସ ଏକ୍‌ଜିକ୍ୟୁଟିଭ ଚୈତନ୍ୟ ପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ନାଥ କୁମାର ଭୋଳ, ସଞ୍ଜୁଲତା ଦାସ ପ୍ରମୁଖ ସଭ୍ୟସଭ୍ୟା ସାମିଲ ଥିଲେ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ





**ପଟ୍ଟାମୁଣ୍ଡାଇ, ୧୯।୪(ସମିସ):** ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ଓ ବଣିକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୩୩ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନ୍ତିମ ଦିବସରେ ଶ୍ରୀରାମଙ୍କ ପ୍ରସଙ୍ଗରେ ଆଧ୍ୟାତ୍ମିକ ପ୍ରବଚନମାନ ଶୁଣିବାକୁ ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ବିଭିନ୍ନ ଦିବସରେ ଅନୁଷ୍ଠିତ ପ୍ରବଚନରେ ଭଦ୍ରକ ପୀରହାଟର ପଣ୍ଡିତ ବିଜୟ ରାଘବେନ୍ଦ୍ର ଦାସ ମହାରାଜ ଓ ଜଗତପୁର ହରିହରାନନ୍ଦ ଆଶ୍ରମର ତ୍ରିଜୀବ ଦାଶ, ଭୁବନ ଆଶ୍ରମର ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ଓ ରବିନ୍ଦ୍ର କୁମାର ଦାଶ ବିଭିନ୍ନ ଦିବସରେ ଅନୁଷ୍ଠିତ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରି ଶ୍ରୋତାମାନଙ୍କୁ ବିମୋହିତ କରିଥିଲେ। ଶ୍ରୀରାମ ନବମୀ ତିଥିରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣର ଉଦଯାପନ ଦିବସରେ ରାମ ନବମୀ ଅବସରରେ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀରାମ ଚରିତ ମାନସ କମିଟି ସଭାପତି କିରଣ ଭୂୟାଁ, ଉପସଭାପତି ବ୍ରଜସୁନ୍ଦର ସାହୁ, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ କୁମାର ଲେଙ୍କା, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ସହସମ୍ପାଦକ ସୁଦର୍ଶନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ନୃଶଂସ ସ୍ୱାମୀ...

## ଗଞ୍ଜେଇ ପାଇଁ ଟଙ୍କା ନଦେବାରୁ ସ୍ତ୍ରୀକୁ ଶାବଳ ଭୁସିଦେଲା

**ଗରଦପୁର,୧୯।୪(ସମିସ):** ଗଞ୍ଜେଇ ପାଇଁ ସ୍ତ୍ରୀକୁ ସ୍ୱାମୀ ମାଗିଲା ଟଙ୍କା। ସ୍ତ୍ରୀ ଟଙ୍କା ନଦେବାରୁ ଅମାନୁଷିକ ଭାବେ ଶାବଳ, କଟୁରୀ ଓ ଅନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୁରୁତର କରିଥିବା ଘଟଣା ସାମ୍ନାକୁ ଆସିଛି। ପାଟକୁରା ଥାନା ଅନ୍ତର୍ଗତ ଉଦାଳ ଗ୍ରାମରେ ଘଟିଛି ଏଭଳି ଛାତିଥରା ଘଟଣା। ଖବର ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଉଦାଳ ଗ୍ରାମର ସନ୍ତୋଷ ଦାସ ତାଙ୍କ ସ୍ତ୍ରୀ ବର୍ଷାଙ୍କୁ ଗଞ୍ଜେଇ ସେବନ ପାଇଁ ଟଙ୍କା ମାଗିଥିଲା। ବର୍ଷା ଟଙ୍କା ନାହିଁ ବୋଲି କହିବାରୁ ଉତ୍‌କ୍ଷିପ୍ତ ହୋଇ ଅତର୍କିତ ଭାବେ ବିଭିନ୍ନ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ବର୍ଷା ଚିତ୍କାର କରିବାରୁ ପଡ଼ୋଶୀମାନେ ପହଞ୍ଚିଥିଲେ। ଫଳରେ ସନ୍ତୋଷ ସେଠୁ ଖସିଯାଇ ସ୍ଥାନୀୟ ଗରଦପୁର ବଜାରରେ ଏକ ଧାରୁଆ କଟୁରୀ ଧରି ବୁଲୁଥିବାର ବଜାର ଲୋକେ ଦେଖିବା ସହ ସ୍ଥାନୀୟ ପାଟକୁରା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅଭିଯୁକ୍ତକୁ ଧରି ଥାନାରେ ଅଟକ ରଖିବା ସହ ଗୁରୁତର ମହିଳାଙ୍କୁ କଟକ ସ୍ଥାନାନ୍ତର କରିଥିବା ଜଣାପଡିଛି।

ଟାଉନବଳରାମପୁର ହତ୍ୟା ଘଟଣା

## ଅଭିଯୁକ୍ତ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୧୯।୪(ସମିସ):** କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଟାଉନବଳରାମପୁର ଗାମରେ ଶୁକ୍ରବାର ଛୁରି ଭୂଷି ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଅକ୍ଷୟ ଖଟୁଆ ଶୁକ୍ରବାର ଅପରାହ୍ନରେ ମାର୍ଶାଘାଇରୁ ଏକ ଏସି ମରାମତି ସାରି ସାଙ୍ଗ ବଳରାମ ମହାରଣାଙ୍କ ସହିତ ଫେରି ଟାଉନ ବଳରାମପୁର ଗ୍ରାମର ହନୁମାନଜୀଉଙ୍କ ମନ୍ଦିର ପାଖରେ ଏକ ପାନ ଦୋକାନରୁ ପାନ କିଣୁଥିଲେ। ସେଠାରେ ଆଦିତ୍ୟ ପ୍ରସାଦ ବେହେରାଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଆଦିତ୍ୟ ରାଗି ଘରକୁ ଯାଇ ଘରୁ ଏକ ଛୁରୀ ଆଣି ପ୍ରଥମେ ବଳରାମକୁ ଆକ୍ରମଣ କରିଥିଲା। ବଳରାମ ସେଠାରୁ ଦୌଡି ପଳାଇବାରୁ ଅକ୍ଷୟକୁ ବାରମ୍ବାର ଛୁରୀ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଅକ୍ଷୟଙ୍କ ମୃତ୍ୟୁ ହୋଇଥିଲା। ଟାଉନ ଥାନା ପୁଲିସ ପହଞ୍ଚି ଶବ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିସହିତ ପୁଲିସ ଅଭିଯୁକ୍ତ ଆଦିତ୍ୟକୁ ଗିରଫ କରି ଥାନାକୁ ଆଣିଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ଅକ୍ଷୟଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତ ଆଦିତ୍ୟକୁ କୋର୍ଟ ଚାଲାଣ କରାଯାଇଛି।

## ଚାନ୍ଦୋଳରେ ବାସନ୍ତିକ ଦୁର୍ଗାପୂଜା



**ଡେରାବିଶ,୧୯।୪ (ସମିସ) :** ଡେରାବିଶ ବ୍ଲକ ଅର୍ନ୍ତଗତ ଚାନ୍ଦୋଳ ବଜାର ଠାରେ ଦୀର୍ଘ ବର୍ଷ ହେଲା ଚାନ୍ଦୋଳର ବ୍ୟବସାୟୀମାନଙ୍କ ପକ୍ଷରୁ ମା’ ଦୁର୍ଗାଦେବୀଙ୍କ ବାସନ୍ତିକ ପୂଜା ଅନୁଷ୍ଠିତ ହୋଇ ଆସୁଛି। ଗତ ୧୪ ତାରିଖରୁ ମହାଷଷ୍ଠୀ ତିଥିରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ୧୫ ତାରିଖରେ ସପ୍ତମୀ ପୂଜା, ୧୬ ତାରିଖରେ ଅଷ୍ଟମପୂଜା, ସନ୍ଧିପୂଜା ଅନୁଷ୍ଠିତ ହୋଇଥିଲା। ୧୭ ତାରିଖରେ ମହାନବମୀ ପୂଜା ଓ ଆଜି ମହାଦଶମୀ ପୂଜା ଓ ବିଳମ୍ବିତ ରାତିରେ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।

## ହରିହର ମହାବୀରଙ୍କ ବାର୍ଷିକ ଯଜ୍ଞୋତ୍ସବ ଉଦ୍‌ଯାପିତ

**ଜଗତସିଂହପୁର, ୧୯।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ବଡିଜଙ୍ଗା ଗ୍ରାମର ହଂସୁଆ ନଦୀ ବେଳାଭୂମିରେ ଗତ ୧୩ ତାରିଖରେ ଆରମ୍ଭ ହୋଇଥିବା ୧୦ମ ବାର୍ଷିକ ଯଜ୍ଞୋତ୍ସବ, ଗୁରୁବାର ଦିନ ପୂର୍ଣ୍ଣାହୂତି ପ୍ରଦାନ ସହ ଉଦଯାପିତ ହୋଇଯାଇଛି। ଯଜ୍ଞ କମିଟି, ବଡିଜଙ୍ଗା ଗ୍ରାମବାସୀ ଓ ନୃସିଂହନାଥ ପ୍ରଗତି ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ସୌମ୍ୟ ପ୍ରକାଶ ତ୍ରିପାଠୀ, ପୁସ୍ତକାଚାର୍ଯ୍ୟ ପଣ୍ଡିତ ଅଜିତ କୁମାର ଦାଶ , ଉପଆଚାର୍ଯ୍ୟ ସ୍ୱପ୍ନ ସାଗର ଦାଶ ଓ ମଣ୍ଡଳ ଆଚାର୍ଯ୍ୟ ସତ୍ୟବ୍ରତ ଦାଶଙ୍କ ସମେତ ନିତ୍ୟପୂଜକ ବେଣୁଧର ଶତପଥୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ପ୍ରଦୀପ୍ତ କୁମାର ସ୍ୱାଇଁ ଓ ପ୍ରିୟଙ୍କା ସ୍ୱାଇଁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରିଚାଳନା କମିଟି ସଭାପତି ବିଭୂତିଭୂଷଣ ସ୍ୱାଇଁ , ନିରଞ୍ଜନ ମଲ୍ଲ, ଦୋଳଗୋବିନ୍ଦ ସାହୁ, ସଞ୍ଜୟ ରାଉତ, ଦେବେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ସୁମନ ସ୍ୱାଇଁ, ବୈକୁଣ୍ଠ ଲେଙ୍କା, ନିତ୍ୟାନନ୍ଦ ରାଉତ, ପୂର୍ଣ୍ଣଚନ୍ଦ୍ର ସେଠୀ, ଦେବେନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଲୁଣା ଓ କରାଣ୍ଡିଆ ସେତୁ କାମ ନିମ୍ନମାନର ଅଭିଯୋଗ

# ପିଲର ପାଇଲିଂ ଢଳେଇରେ ଦିଶୁଛି ମାଟି; ସ୍ଥାୟିତ୍ୱ ନେଇ ସନ୍ଦେହ







**ଡେରାବିଶ, ୧୯।୪ (ସମିସ):** ଡେରାବିଶ ବ୍ଲକ ଲୁଣାନଦୀର ଦାନପୁର ପଞ୍ଚାୟତ ଅଧୀନ ଗହଗାରୁ ସଠିଲୋ ଓ କରାଣ୍ଡିଆ ନଦୀର କୂଳସାହିଠାରୁ ସଠିଲୋ ପର୍ଯ୍ୟନ୍ତ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ସେତୁର ପିଲର ନିର୍ମାଣ ନିମନ୍ତେ ପାଇଲିଂ କାର୍ଯ୍ୟ ହେଉଛି। ତେବେ ଏହି କାର୍ଯ୍ୟ ଅତି ନିମ୍ନମାନର ଓ ବେପରୁଆ ଭାବେ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟ ସମୟରେ ପାଇଲିଂ ବୋରକୁ ଭଲ ଭାବେ ସଫା କରା ନ ଯାଇ ଢଳେଇ କାର୍ଯ୍ୟ ହୋଇଥିବାରୁ ପାଇଲିଂ ଢଳେଇ ଭିତରେ ସିମେଣ୍ଟ କଂକ୍ରିଟ ବଦଳରେ ମାଟି ମୁଣ୍ଡା ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ହେଉଛି ଏହି ନିର୍ମାଣ ବେଳେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ କୌଣସି ବୈଷୟିକ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଏହି ଅବ୍ୟବସ୍ଥା ହେଉଛି ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଏହି ଦୁଇଟି ସେତୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପାଖାପାଖି ୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବାବେଳେ ଆସନ୍ତା ୨୦୨୫ ନଭେମ୍ବର ମାସ ସୁଦ୍ଧା ଏହା ଶେଷ ହେବ।

### ବିଜେଡିର ମାରାଥନ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ

# ବିଜେପି ଓ କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ

**ପାଲଲହଡ଼ା ୧୯ ।୪(ସମିସ)**






ଆଜି ଅନୁଗୋଳ ଜିଲ୍ଲାର ପାଲଲହଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଶ୍ରୀରାମପୁର, ବଡାସୁଆଁ ଠାରେ ୨୨ ନମ୍ବର ଜୋନସ୍ତରୀୟ ନିର୍ବାଚନୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡାଃ ଅବିନାଶ ସାମଲ ଏବଂ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଲଙ୍କ ଉପସ୍ଥିତିରେ ଦୁଇ ହଜାରରୁ ଅଧିକ କର୍ମୀ ଓ ନେତା ଯୋଗ ଦେଇଥିଲେ। ସାଂସଦ ଓ ବିଧାୟକ ପ୍ରାର୍ଥୀ ଉପସ୍ଥିତ କର୍ମୀ ଓ ନେତାଙ୍କୁ ଆଗାମୀ ନିର୍ବାଚନରେ କିଭଳି କାର୍ଯ୍ୟ କରିବାକୁ ହେବ ଏବଂ ଦଳ ବିପୁଳ ଭୋଟରେ କିପରି ବିଜୟୀ ହୋଇପାରିବ, ସେଥିପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁସବୁ ଜନକଲ୍ୟାଣ ଯୋଜନା କରିଛନ୍ତି, ସେସବୁ ଭୋଟରମାନଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ସଭାରେ ଉପସ୍ଥିତ କର୍ମୀ ଓ ନେତାମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା। ବିଜେପି ଓ କଂଗ୍ରେସରୁ ଶତାଧିକା କର୍ମୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ମୁକେଶ ପାଲ ଏବଂ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ୨୨ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ଯୋନର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ। ୨୨ ନମ୍ବର ଜୋନର ପର୍ଯ୍ୟବେକ୍ଷକ ନରେନ୍ଦ୍ର ଭୁକ୍ତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ନବବର୍ଷ ପାଳିତ

**ଜଗନ୍ନାଥପୁର ୧୯ ।୪(ସମିସ):**



ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶା ସେବା ସମିତି ସାହିବାବାଦ ଦ୍ୱାରା ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ପ୍ରାୟ ୭୦ ପରିବାର ସାମିଲ ହୋଇଥିଲେ। ପ୍ରକାଶଥାଉ କି, ଓଡ଼ିଶା ସେବା ସମିତି ଦୀର୍ଘ ୨୬ବର୍ଷ ଧରି ଦିଲ୍ଲୀ ଏନସିଆର ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସେବା ଶିବିର, ଗରିବ ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବିତରଣ ସେବା ଆଦି କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ ସମିତିର ସଭାପତି ପି ସି ସାହୁ, ଉପସଭାପତି ପ୍ରକାଶ ନାଏକ, ପୀତବାସ ସାହୁ, ଚନ୍ଦ୍ରଶେଖର ଗିରି, ଧୀରେନ୍ଦ୍ର ବିଶ୍ୱାଳ, ନନ୍ଦନ ସାମଲ, ମନୋଜ ଗିରି, ପ୍ରଦୀପ ଦାସ, ଦଶରଥ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ

## ୪୦ କଂଗ୍ରେସ କର୍ମୀ ବିଜେଡିରେ ମିଶିଲେ



**ଅନୁଗୋଳ ୧୯ ।୪(ସମିସ):** ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଟିକରପଡା ପଞ୍ଚାୟତର ୪୦ ଜଣ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ୍ ଏବଂ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଲିଆ ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ମିଶ୍ରଣ ପର୍ବରେ ସାମିଲ୍ ହୋଇଛନ୍ତି। ଟିକରପଡ଼ାର ପୂର୍ବତନ ସରପଞ୍ଚ ତଥା ସମାଜସେବୀ ତ୍ରିନାଥ ସାହୁଙ୍କ ନେତୃତ୍ୱରେ ସଦଳବଳ ୪୦ ଜଣ କର୍ମୀ ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ ଏବଂ ନଳିନୀ ବାବୁଙ୍କ କାର୍ଯ୍ୟଦକ୍ଷତାରେ ଆକର୍ଷିତ ହୋଇ ବିଜେଡିରେ ସାମିଲ୍ ହୋଇଥିବା ପ୍ରକାଶ କରିଛନ୍ତି। ଚଳିତ ନିର୍ବାଚନରେ ଯଥାକ୍ରମେ ସାଂସଦ ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ୍ ଓ ନଳିନୀକାନ୍ତ ପ୍ରଧାନଙ୍କୁ ପୂର୍ଣ୍ଣ ସହଯୋଗ କରି ପଞ୍ଚାୟତ ଭୋଟରଙ୍କୁ ବିଜେଡିକୁ ଭୋଟ୍ ଦେବା ପାଇଁ କାର୍ଯ୍ୟ କରିବା ପାଇଁ ଶପଥ ନେଇଛନ୍ତି। ମିଶ୍ରଣରେ ସାମିଲ୍ ହୋଇଥିବା କର୍ମୀଙ୍କୁ ନଳିନୀ ପ୍ରଧାନ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

## ଅନନ୍ତ ଡିଏଭିରେ ସମର୍ପଣ ଦିବସ ପାଳିତ

**ତାଳଚେର, ୧୯ ।୪(ସମିସ):**




ଏମସିଏଲ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ମହାତ୍ମା ହଂସରାଜ ଜୟନ୍ତୀ (ସମର୍ପଣ ଦିବସ) ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନନ୍ତ ଡିଏଭିର ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାପୁରୁଷ ହଂସରାଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଜିର ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀବୃନ୍ଦ ଏହି ଉତ୍ସବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ କ୍ରିଷ୍ଣା ପାଣିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ସାମୂହିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଶିକ୍ଷକ କରୁଣାକର ସାହୁଙ୍କ ଦ୍ୱାରା ହଂସରାଜଙ୍କ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସୁବ୍ରତ କୁମାର ପାଣି ମଞ୍ଚ ସଂଚାଳନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ମିଶ୍ର, ସିମାଞ୍ଚଳ ପତି, ରୀତାରାଣୀ ତ୍ରିପାଠୀ, ସୁନନ୍ଦା ଦାସ, ସାଗରିକା ନାୟକ, ରବି ନାରାୟଣ ପଣ୍ଡା, ଡ. ଅନ୍ତର୍ଯ୍ୟାମୀ ସାହୁ, ପ୍ରମୋଦ ଦେହୁରୀ, ସୁଧାଂଶୁ କୁମାର ସ୍ୱାଇଁ, ବାବୁଲି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅଗ୍ନିଶମ ବିଭାଗର ମକ୍ ଡ୍ରିଲ୍



**ଅନୁଗୋଳ ୧୯ ।୪(ସମିସ)**

ଆଜି ଅନୁଗୋଳ ହସ୍ପିଟାଲ ପରିସରରେ ଅଗ୍ନି ନିର୍ବାପନ ବ୍ୟବସ୍ଥାର ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଡାକ୍ତରଖାନା ୱାର୍ଡ ଭିତରେ ବା ଅଫିସରେ ଅଗ୍ନିକାଣ୍ଡ ହେଲେ କିଭଳି ଅଗ୍ନି ନିର୍ବାପନ କରାଯିବ, ତାହାର ଏକ ନମୁନା ଅଗ୍ନିଶମ ବିଭାଗର ଅାଗ୍ନିକମାନେ ପ୍ରଦର୍ଶନ କରିଥିଲେ ଏବଂ ମେଡିକାଲ କର୍ମଚାରୀମାନେ ଏଥିନେଇ ତାଲିମ ନେଇଥିଲେ। ସହକାରୀ ଅଗ୍ନି ନିରାପତ୍ତା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ମକ୍ ଡ୍ରିଲ୍ ପ୍ରଦର୍ଶନ କରିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡ଼ା ଗୌରୀ ଶଙ୍କର ବଳ ଏବଂ ହସ୍ପିଟାଲ ମ୍ୟାନେଜର ଦୀପକ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସର ୫ ନ୍ୟାୟ, ୨୫ ଗ୍ୟାରେଣ୍ଟି ଇସ୍ତାହାର

**କଣିହାଁ ୧୯ ।୪(ସମିସ)**

ବ୍ଲକ କଂଗ୍ରେସ କମିଟି ତରଫରୁ ଶୁକ୍ରବାର ଏନଟିପିସି ଆଇଏନଟିୟୁସି ଅଫିସି ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଢେଙ୍କାନାଳ ଲୋକସଭା ପ୍ରାର୍ଥିନୀ ଙ୍କ ସସ୍ମିତା ବେହେରା, ରାଜ୍ୟ କଂଗ୍ରେସ କମିଟି ମହିଳା ନେତ୍ରୀ ଏଲ୍ ମାଣିକ୍ୟ ପ୍ରଭା, ବ୍ଲକ କମିଟି ସଭାପତି ସୁଶାନ୍ତ ଶଶିକାନ୍ତ ସାମଲ, ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା ଶିବରାମ ଦାସ୍, କୁଶଧ୍ୱଜ ସାମଲ, ଯୁବ ଶ୍ରମିକ ସଂଗଠନ ନେତା ସୂର୍ଯ୍ୟମଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୁଖପାତ୍ର ପ୍ରଧାନ କଂଗ୍ରେସ ରଣନୀତିକୁ ନେଇ ୫ ଟି ସମସ୍ୟାର ନ୍ୟାୟ ଓ ୨୫ ଗ୍ୟାରେଣ୍ଟି ଉପରେ ଆଲୋକପାତ କରିଥିଲେ। ସବୁ ଗ୍ୟାରେଣ୍ଟି କଂଗ୍ରେସ ସରକାରକୁ ଆସିଲେ କାର୍ଯ୍ୟକାରୀ ହେବ।




## ଝିଙ୍କିନେଲେ ନକଲି ମଙ୍ଗଳ ସୂତ୍ର

**ଅନୁଗୋଳ, ୧୯ ।୪(ସମିସ):** ଦିନ ପ୍ରାୟ ଦଶଟା ସମୟରେ ଗାନ୍ଧୀମାର୍ଗ ଖ୍ରୀଷ୍ଟିଆନ ପଡ଼ାରୁ ଜଣେ ମହିଳା ବାହାରି ସିମିଳିପଡ଼ା ଯାଉଥିବା ବେଳେ ବାଇକରେ ଆସୁଥିବା ଦୁଇ ଲୁଟେରା ମହିଳାଙ୍କ ବେକରୁ ମଙ୍ଗଳ ସୂତ୍ର ଝିଙ୍କି ନେଇଥିଲେ। ଏଥିରେ ମହିଳା ଜଣକର ବେକ ଖଣ୍ଡିଆ ହୋଇଯାଇଥିଲା। କିଛି ବାଟ ଗଲା ପରେ ମଙ୍ଗଳ ସୂତ୍ରଟି ନକଲି ହୋଇଥିବାରୁ ଲୁଟେରା ଦ୍ୱୟ ଫିଙ୍ଗି ଦେଇ ପଳାଇଥିଲେ। ମହିଳା ଜଣକ ସିମିଳିପଡ଼ାର ଏକ ନର୍ସିଂହୋମରେ ରୋଷେୟା ଭାବେ କାମ କରନ୍ତି। ଘଟଣାକୁ ନେଇ ପୁଲିସରେ କୌଣସି ଅଭିଯୋଗ ହୋଇନାହିଁ। ଗତକାଲି ତାମ୍ରିତ କଲୋନୀର ଜଣେ ମହିଳାଙ୍କ ବେକରୁ ଦୁଇ ବାଇକ୍ ଆରୋହୀ ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଥିଲା। କିଛି ଦିନର ନୀରବତା ପରେ ସୁନାଚେନ ଲୁଟେରା ପୁଣି ଏଠାରେ ସକ୍ରିୟ ହୋଇଥିବା ଜଣାପଡ଼ିଛି।

## କୋଇଲା ଚୋରାଚାଲାଣ ବେଳେ ୮ ଗାଡ଼ି ଜବତ

**କିଶୋରନଗର, ୧୯।୪(ସମିସ)**

### ୫ ଗାଡ଼ି ଚାଳକଙ୍କୁ ବାନ୍ଧିଲା ପୁଲିସ



କିଶୋରନଗର ପୁଲିସ ପକ୍ଷରୁ ଗତକାଲି ରାତିରେ ଚଢ଼ଉ କରାଯାଇ ୫୫ ନମ୍ବର ଜାତୀୟ ରାଜପଥ ବାମୁର ମାରୁତି ଢାବା ନିକଟ ଓ ଚମ୍ପାପୁର ଢାବା ସମ୍ମୁଖ ରାସ୍ତାର ଟ୍ରାକ୍ଟର, ପିକ୍ ଅପ ଭ୍ୟାନ୍, ଟ୍ରାକ୍ଟର, ଡାମରା ଟ୍ୟାଙ୍କରକୁ ଜବତ କରାଯିବା ସହ ୫ଜଣ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇ ଆଠମଲ୍ଲିକ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ହଣ୍ଡପା ଥାନାର ଠେଲକନାନାଳୀର ଦିପୁ ନାଏକ, ରାସୋଳ ଥାନାର ଖଳିବୋରୋଇ ଗାଁର ରୁଦ୍ରନାରାୟଣ ଗଡନାୟକ, ବିହାରର ମହୁଆ ଅଞ୍ଚଳର ବିକାଶ ସିଂହ, କିଶୋରନଗର ଥାନା ବଙ୍କା ପଳସାର ଲବ ସାହୁ, ସମଲ ବ୍ୟାରେଜ ରବୁଲାଝରର ଅର୍ଜୁନ ପ୍ରଧାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସବ୍ଇନ୍ସପେକ୍ଟର ପ୍ରସନ୍ନ ରାଉତ, ଏଏସଆଇ ଜିତେନ୍ଦ୍ର ସାମନ୍ତ ସିଂହାର, ଦୁଃଶାସନ ପ୍ରଧାନଙ୍କ ସହ ସଦଳବଳ ଚଢ଼ଉରେ ସାମିଲ ଥିଲେ।

## ବିଜେପିର କର୍ମୀ ସମ୍ମିଳନୀ

**କିଶୋରନଗର, ୧୯ ।୪(ସମିସ):** କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କୁଷୁଣୀର ଆମ୍ବତୋଟାଠାରେ ବିଜେପିର କର୍ମୀ ସମାବେଶ ହୋଇଯାଇଛି। ରମେଶ ଚନ୍ଦ୍ର ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ଆଠମଲ୍ଲିକ ବିଧାନସଭା ବିଧାୟକ ପ୍ରାର୍ଥୀ ଯୋଗଦେଇଥିଲେ। ଏଥିରେ ବିଜେପି ଯୁବନେତା ଅର୍ଜୁନ ସାହୁ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ଡା ଅଲେଖ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତିମିର କୁମାର ନାୟକ, କିଶୋରନଗର ମଣ୍ଡଳ ବିଜେପି ସଭାପତି ଅର୍ଜୁନ ପାଣ୍ଡେ, ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବିପୁଳ ମଦ ଜବତ; ୧୭ ଗିରଫ

**ଅନୁଗୋଳ, ୧୯ ।୪(ସମିସ)**

ନିର୍ବାଚନ ଅବ୍ୟବହିତ ପୂର୍ବରୁ ଅନୁଗୋଳ ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ଦାଗୀ, ଡକାୟତି, ରାହାଜାନି ଓ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ନଜର ରଖାଯିବା ସଙ୍ଗେ ସଙ୍ଗେ ସାନ୍ଧ୍ୟ ଓ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗତ ୧୮ ତାରିଖରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ ସମୟରେ ସାମୂହିକ ଚଢ଼ଉ କରାଯାଇ ସମୁଦାୟ ୧୭ ଗୋଟି ଅବକାରୀ କେସ ବିଭିନ୍ନ ଥାନାରେ ରୁଜୁ କରାଯାଇ ୧୭ ଜଣ ମୁଦାଲାଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିଦେଶୀ ମଦ ୨୬୪.୯୫ ଲିଟର, ଦେଶୀମଦ ୨୮. ୫ ଲିଟର ଓ ଓଏସ ଲିକର ୧୧୪. ୮ ଲିଟର ଜବତ କରାଯାଇଛି। ସେମାନଙ୍କ ବେଆଇନ ମଦ କାରବାରରେ ବ୍ୟବହୃତ ଫ୍ରିଜ ଏବଂ ଅନ୍ୟାନ୍ୟ ଜିନିଷଗୁଡିକୁ ମଧ୍ୟ ଜବତ କରାଯାଇଛି। ଏତତ ବ୍ୟତୀତ ରାତ୍ର ପାଟ୍ରୋଲିଂ ସମୟରେ ସବୁ ହୋଟେଲ, ଲଜଗୁଡିକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ଏହା ସହିତ ୱାରେଣ୍ଟ ଡ୍ରାଇଭ କରାଯାଇ ୬ ଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।



